# ୨୦

# ଅଭିବୃତ୍ତି, ଆଗ୍ରହ ଏବଂ କାର୍ଯ୍ୟ ଆବଶ୍ୟକତା

ମନୋବିଜ୍ଞାନର ଏକ ପ୍ରମୁଖ କ୍ଷେତ୍ର ହେଉଛି ଯେ ବିଭିନ୍ନ ଗୁଣମାନଙ୍କଆଧାରରେ ବ୍ୟକ୍ତି ବିଭିନ୍ନତାକୁ ଅଧ୍ୟୟନ କରିବା। ଆମ୍ଭେମାନେ କେବଳ ଶାରୀରିକ ଆକୃତି ଅନୁସାରେ ପୃଥକ ନୋହୁଁ, ଅଭ୍ୟାସ, ଅନୁଭୂତି, ବ୍ୟକ୍ତିତ୍ୱ, ଚିନ୍ତା ଓ ବ୍ୟବହାର ଦୃଷ୍ଟିରୁ ମଧ୍ୟ ପୃଥକ। କେତେକ ବ୍ୟକ୍ତି ବହୁତ ବନ୍ଧୁ ବତ୍ସଳ, ଅନେକ ଶାନ୍ତ, କେତେକ ବହିର୍ଗାମୀ ଓ କେତେକ ମଧ୍ୟ ସଂଯତ। କେତେକେ କ୍ରିକେଟ ଖେଳ ଦେଖିବାକୁ ଭଲପାଆନ୍ତି, ଅନ୍ୟକେତେକ ସିନେମା ଦେଖିବାକୁ ଇଚ୍ଛାକରନ୍ତି କିମ୍ବା ସଙ୍ଗୀତ ଶୁଣିବାକୁ ଭଲପାଆନ୍ତି କିମ୍ବା ନୃତ୍ୟ ଉପଭୋଗ କରନ୍ତି। କେତେକ ଡାକ୍ତର ହେବାକୁ ଆଗ୍ରହ ପ୍ରକାଶ କରନ୍ତି ଏବଂ କେତେକ ଇଞ୍ଜିନିୟର, ଶିକ୍ଷକ, କଳାକାର ଇତ୍ୟାଦି ହେବାକୁ ଚାହାନ୍ତି।

ତେଣୁ ଏହା ସତ୍ୟ ଯେ ଆମେମାନେ ବିଭିନ୍ନ ପ୍ରକାରରେ ଜଣେ ଅନ୍ୟଜଣଙ୍କଠାରୁ ଭିନ୍ନ। ଉକ୍ତ ପରିଚ୍ଛେଦରେ ଆମେମାନେ ଚନ୍ତା କରୁଅଛୁ ଯେ ବ୍ୟକ୍ତିମାନେ କେଉଁ କେଉଁ ଉପାୟରେ ସେମାନଙ୍କର ଅଭିବୃତ୍ତି, ଆଗ୍ରହ ଓ ସାମର୍ଥ୍ୟରେ ପୃଥକ ଏବଂ କିପରି ଭାବରେ ଏହା ଆମର ଜୀବନର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଯଥା ଅଧ୍ୟୟନ ବିଷୟ ଚୟନ କରିବା କିମ୍ବା ଗୋଟିଏ କାର୍ଯ୍ୟ ପସନ୍ଦ କରିବାରେ ନିର୍ଣ୍ଣାୟକ ହୋଇଥାଏ।

ଫଳପ୍ରଦ ଶିକ୍ଷାଗତ, ବ୍ୟକ୍ତିଗତ ଓ ବୃତ୍ତିଗତ ନିଷ୍ପତ୍ତି ଗୁଡ଼ିକ ବ୍ୟକ୍ତି ବିଭିନ୍ନତା ସମ୍ବନ୍ଧୀୟ ଜ୍ଞାନ ଆବଶ୍ୟକ କରିଥାଏ। ମନୋବିଜ୍ଞାନୀମାନେ ମନୋବୈଜ୍ଞାନିକ ଗୁଣ ଗୁଡ଼ିକୁ ମାପିବା ପାଇଁ ବିଭିନ୍ନ ପ୍ରକାରର ମୂଲ୍ୟ ନିର୍ଦ୍ଧାରଣ ପ୍ରଣାଳୀର ବ୍ୟବହାର କରିଥାନ୍ତି। ଏହା ବ୍ୟକ୍ତିମାନଙ୍କୁ ସେମାନଙ୍କର ଅଭିବୃତ୍ତି ଓ ଆଗ୍ରହ ଅନୁସାରେ ସେମାନଙ୍କର ଚରିତ୍ର ଗଠନ କରିବାର ପନ୍ଥା ନିରୂପଣ କରିବାରେ ସାହାଯ୍ୟ କରିଥାଏ।

## ଉଦ୍ଦେଶ୍ୟ

- ଉକ୍ତ ପାଠ୍ୟକ୍ରମ ଅଧ୍ୟୟନ କଲାରେ ତୁମେମାନେ ସକ୍ଷମ ହୋଇପାରିବ:
- ଅଭିବୃତ୍ତିକୁ ବ୍ୟାଖ୍ୟା କରିବାରେ ଏବଂ ଶିକ୍ଷାଗତ ଓ ବୃତ୍ତିଗତ ଚୟନରେ ଏହାର ଭୂମିକା,
- ଆଗ୍ରହର ବର୍ଣ୍ଣନା ଏବଂ ଚୟନ କ୍ଷେତ୍ରରେ ଏହାର ଭୂମିକା
- ସମାର୍ଥ୍ୟକୁ ବୁଝିବା ପାଇଁ ବିଭିନ୍ନ ପ୍ରକାର ଆଭିମୁଖ୍ୟ ଗୁଡ଼ିକର ବ୍ୟାଖ୍ୟା କରିବା ଓ
- ମନୋବୈଜ୍ଞାନିକ ଗୁଣଗୁଡ଼ିକୁ ମୂଲ୍ୟାୟନ କରିବା ପାଇଁ ବ୍ୟବହୃତ ବିଭିନ୍ନ ପ୍ରକାରର ପରୀକ୍ଷା ଓ କୌଶଳମାନଙ୍କୁ ବର୍ଣ୍ଣନା କରିବା।

## ୨୦.୧ ଅଭିବୃତ୍ତି

ଆମେ ବେଳେବେଳେ ଲୋକମାନେ କହିବାର ଶୁଣୁଯେ, ଏକ ନିର୍ଦ୍ଦିଷ୍ଟ ଶିଶୁର ସଙ୍ଗୀତ, କଳା କିମ୍ବା ଚିତ୍ର ଆଙ୍କିବା ଦିଗରେ ପ୍ରତିଭା ବା ଦକ୍ଷତା ରହିଅଛି। ଏହାକୁ ଶିଶୁଟିର ଅଭିବୃତ୍ତି ବୋଲି କୁହାଯାଏ। ତେଣୁ ଅଭିବୃତ୍ତି ହେଉଛି ଏକ ନିର୍ଦ୍ଦିଷ୍ଟ ବୃତ୍ତି କ୍ଷେତ୍ରରେ ଥିବା ସ୍ୱତନ୍ତ୍ର ପ୍ରତିଭା ବା ଶକ୍ତି। ଏହା ଏକ ସ୍ୱତନ୍ତ୍ର ସାମର୍ଥ୍ୟ ଯାହାକି କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ବିକଶିତ ହେଉଥିବା ଜ୍ଞାନକୁ ଅର୍ଜନ କରିବା, ସ୍ୱାଭାବିକ ଭାବରେ ଜାଗ୍ରତ ହେବା କିମ୍ବା ଶିକ୍ଷା କରି ପାଇବାକୁ ବୁଝାଇଥାଏ। ଏହା ଜଣେ ବ୍ୟକ୍ତିକୌଣସି ଏକ ନିର୍ଦ୍ଦିଷ୍ଟ ପ୍ରକାରର କାର୍ଯ୍ୟ କିମ୍ବା ବୃତ୍ତି ଉପରେ ପ୍ରଶିକ୍ଷଣ ନେବାପରେ କେତେଦୂର ସଫଳ ହେବ ତାହାକୁ ଅନୁମାନ କରିବାରେ ସହାୟକ ହୋଇଥାଏ। ଜଣେ ବ୍ୟକ୍ତିର ଅଭିବୃତ୍ତି ହେଉଛି ଉଭୟ ସହଜାତ ଓ ପରିବେଷ୍ଟନିଗତ ଉପାଦାନ ଗୁଡ଼ିକର ଫଳ ସଦୃଶ୍ୟ। ଅଭିବୃତ୍ତି ହେଉଛି ନିଜର ବିଦ୍ୟମାନ ସାମର୍ଥ୍ୟଠାରୁ ଆହୁରି ଅଧିକ। ଏହା ନିମ୍ନଲିଖିତ ଉପାଦାନ ସହ ଜଡ଼ିତ।

- କେତେକ ଦକ୍ଷତା କିମ୍ବା ଜ୍ଞାନ ଅର୍ଜନ କରିବା ପାଇଁ ତତ୍ପରତା।
- ଉକ୍ତ ଦକ୍ଷତା ଓ ଜ୍ଞାନ ଅର୍ଜନ କରିବାର ସାମର୍ଥ୍ୟ।
- ଉକ୍ତ କାର୍ଯ୍ୟଗୁଡ଼ିକରୁ ସନ୍ତୁଷ୍ଟି ପାଇବାର ସାମର୍ଥ୍ୟ।

ତେଣୁ ଅଭିବୃତ୍ତି କେତେଗୁଡ଼ିଏ ଗୁଣର ମିଶଣକୁ ବୁଝାଇଥାଏ, ଯାହାକି ଜଣେ ବ୍ୟକ୍ତି ଶିକ୍ଷା କରିବା ପରେ ଅର୍ଜନ କରୁଥିବା କେତେକ ନିର୍ଦ୍ଦିଷ୍ଟ ଜ୍ଞାନ ଓ ଦକ୍ଷତାର ସାମର୍ଥ୍ୟକୁ ବୁଝାଇଥାଏ। ଅଭିବୃତ୍ତି ଦ୍ୱାରା ମିଳିଥିବା ଜ୍ଞାନ ଆମମାନଙ୍କୁ ବ୍ୟକ୍ତିର ଭବିଷ୍ୟତ ବୃତ୍ତିକୁ ଅନୁମାନ କରିବାରେ ସାହାଯ୍ୟ କରିଥାଏ। ଉପଯୁକ୍ତ ପ୍ରଶିକ୍ଷଣଦ୍ୱାରା ଉକ୍ତ ସାମର୍ଥ୍ୟ ଗୁଡ଼ିକ ବୃଦ୍ଧି କରାଯାଇପାରେ। ଅଭିବୃତ୍ତି-ପରିକ୍ଷଣ ଗୁଡ଼ିକ ଦୁଇ ପ୍ରକାରର - ବିଶେଷ ଅଭିବୃତ୍ତି ପରୀକ୍ଷଣ ଏବଂ ସାଧାରଣ ଅଭିବୃତ୍ତି ପରୀକ୍ଷଣ। ବିଶେଷ ଅଭିବୃତ୍ତି ପରୀକ୍ଷଣର ଉଦାହରଣ ହେଲା ଯାନ୍ତ୍ରିକ ଅଭିବୃତ୍ତିପରୀକ୍ଷଣ ଏବଂ ସଙ୍ଗୀତ ସମ୍ବନ୍ଧୀୟ ଅଭିବୃତ୍ତି ପରୀକ୍ଷଣ। ବହୁମୁଖୀ ଅଭିବୃତ୍ତି ପରୀକ୍ଷଣ ଗୁଡ଼ିକ ପରୀକ୍ଷଣ ମାଳାରେ ଥାଏ, ଯାହାକି ବିଭିନ୍ନ ପ୍ରକାରର କିମ୍ବା ସମାନ ପ୍ରକାରର ଅଭିବୃତ୍ତିକୁ ମାପ କରିଥାଏ। ବିଭେଦକ ଅଭିବୃତ୍ତି ପରୀକ୍ଷଣ (DAT) ଏବଂ ସାଧାରଣ ଅଭିବୃତ୍ତି ପରୀକ୍ଷଣ ମାଳା ସୁପରିଚିତ ଅଟନ୍ତି।

### ପାଠ୍ୟଭୁକ୍ତ ପ୍ରଶ୍ନ ୨୦.୧

୧. ଅଭିବୃତ୍ତି କହିଲେ ତୁମେ କ'ଣ ବୁଝ ?

______________________________

## ୨୦.୨ ଆଗ୍ରହ

ଆଗ୍ରହ ହେଉଛି ଏକ ପ୍ରକାରର ପ୍ରବୃତ୍ତି ଯାହାଦ୍ୱାରା ଆମେ ଏକ ପ୍ରକାରର କାର୍ଯ୍ୟରୁ ଅନ୍ୟ ଏକ ପ୍ରକାରର କାର୍ଯ୍ୟକୁ ପସନ୍ଦ କରି ବାଛିଥାଉ କିମ୍ବା କୌଣସି କାର୍ଯ୍ୟକୁ ଦୂରେଇ ଦେଇଥାଉ। ଏହା ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ କିମ୍ବା କେତେଗୁଡ଼ିକ କାର୍ଯ୍ୟ ଯଥା: ଓକିଲ, ଇଞ୍ଜିନିୟର, ସଂଗୀତ, କଳାକାର ଇତ୍ୟାଦି ପ୍ରତି ଆମର ପସନ୍ଦ, ଭଲପାଇବା ଓ ଭଲ ନପାଇବାକୁ ଦର୍ଶାଇଥାଏ। ସାଧାରଣତଃ ଜଣେ ନିଜର ଅବସର ସମୟ ଅତିବାହିତ କରିବା ପାଇଁ ଯେଉଁ ପନ୍ଥାକୁ ପସନ୍ଦକରେ ତାହା ଆଗ୍ରହକୁ ଦର୍ଶାଇଥାଏ। ଆଗ୍ରହ ହେଉଛି ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟପାଇଁ ଜଣେବ୍ୟକ୍ତିର ପସନ୍ଦ। ଏହା ଆବେଗିକ ଆନନ୍ଦ ପ୍ରଦାନ କରିଥାଏ। ଅଭିରୁଚି ଗୁଡ଼ିକ ଆଗ୍ରହ ଉପରେ ନିର୍ଭର କରେ। ବ୍ୟାପକ ଅର୍ଥ ଆଗ୍ରହ ଗୁଡ଼ିକ ଦୁଇ ଶ୍ରେଣୀରେ ବିଭକ୍ତ: ବାହ୍ୟ - ଆଗ୍ରହ ଏବଂ ଅନ୍ତଃ-ଆଗ୍ରହ। ଯଦି ଆଗ୍ରହକ୍ଷେତ୍ରର

## ଅଭିବୃତ୍ତି, ଆଗ୍ରହ ଏବଂ କାର୍ଯ୍ୟ ଆବଶ୍ୟକତା

ଟିପ୍ପଣୀ

ଆବେଗିକ ଆନନ୍ଦ କାର୍ଯ୍ୟଟି ସହିତ ସଲଗ୍ନ ହୁଏ ଏହାକୁ ଅନ୍ତଃ-ଆଗ୍ରହ କୁହାଯାଏ। ବିନା ପୁରସ୍କାରରେ କାର୍ଯ୍ୟଟିକୁ ଭଲପାଇବା ହେଉଛି ଅନ୍ତଃ-ଆଗ୍ରହ। ଯଦି ଆବେଗିକ ଆନନ୍ଦ କୌଣସି ପୁରସ୍କାର ଓ ପ୍ରଶଂସା ସହିତ ସଲଗ୍ନ ହୋଇଥାଏ ତାହାକୁ ବାହ୍ୟ-ଆଗ୍ରହ କୁହାଯାଏ। ପୁରସ୍କାର ବା ଅର୍ଥଲାଭ ପାଇବା ପାଇଁ କାର୍ଯ୍ୟଟିକୁ ଭଲପାଇବା ହେଉଛି ବାହ୍ୟ-ଆଗ୍ରହ।

ଆଗ୍ରହକୁ ମାପ କରିବା ପାଇଁ ଅନେକ ଗୁଡ଼ିଏ ପ୍ରଣାଳୀ ବିକଶିତ ହୋଇଛି। ସେଗୁଡ଼ିକ ହେଲା ଆତ୍ମ-ମୂଲ୍ୟାୟନ, ସାକ୍ଷାତ୍‌କାର, ପ୍ରଶ୍ନାବଳୀ, ସମୀକ୍ଷା-ସୂଚୀ ଏବଂ ତାଲିକା ସମୂହ। ଆଗ୍ରହ ତାଲିକା ମାନ ମୁଖ୍ୟତଃ ବୃତ୍ତିଗତ ଓ ଶିକ୍ଷାଗତ ମାର୍ଗଦର୍ଶନରେ ବ୍ୟବହୃତ ହୁଏ। ଏହା କିଛି ମାତ୍ରାରେ ସାକ୍ଷାତ୍‌କାର ଅପେକ୍ଷା ଅଧିକ ସଫଳ ପ୍ରଦ ଅଟେ କାରଣ ଏଥିରେ ବ୍ୟାପକ ବୃତ୍ତି ବା ବିଷୟର ପରିସରକୁ ପ୍ରତିନିଧିତ୍ୱ କରୁଥିବା ବହୁ ସଂଖ୍ୟକ ପ୍ରଶ୍ନମାନ ବ୍ୟବହୃତ ହୋଇଥାଏ। ଏକ ନିର୍ଦ୍ଦିଷ୍ଟ ଆଗ୍ରହ ତାଲିକା କେତେ ଗୁଡ଼ିଏ କାର୍ଯ୍ୟର ତାଲିକାକୁ ନେଇ ଗଠିତ ଯାହାକୁ ବ୍ୟକ୍ତି ତାର ପସନ୍ଦ ବା ନାପସନ୍ଦ ଅନୁସାରେ ଚିହ୍ନଟ କରିଥାଏ। ଦୃଢ଼ ବୃତ୍ତିମୂଳକ ଆଗ୍ରହ ପତ୍ର ଏବଂ କ୍ୟୁଡ଼ର ଅଧିମାନ ଅଭିଲେଖ ହେଉଛି ଆଗ୍ରହ ମାପ କରିବା ପାଇଁ ସୁପରିଚିତ ତାଲିକା ବା ଅଭିଲେଖ।

### ପାଠ୍ୟଭୁକ୍ତ ପ୍ରଶ୍ନ ୨୦.୨

୧. କାର୍ଯ୍ୟ ଏବଂ ଜଣେ ଆବେଦନକାରୀର ବ୍ୟକ୍ତିତ୍ୱ ମଧ୍ୟରେ ଉତ୍ତମ ତାଳମେଳ ସୃଷ୍ଟି କରିବାରେ ଅନ୍ତଃ-ଆଗ୍ରହ ସହାୟକ ହେବବୋଲି ତୁମେ କାହିଁକି ବିଚାର କର ?

______________________________________________

## ୨୦.୩ ସାମର୍ଥ୍ୟ

ସାମର୍ଥ୍ୟ ଯାହାକୁ ଆମେ ସାଧାରଣତଃ ବୁଦ୍ଧି ବୋଲି କହିଥାଉ, ତାହା ବ୍ୟକ୍ତି ବିଭିନ୍ନତାର ଏକ ମୁଖ୍ୟ ଉତ୍ସକୁ ପ୍ରତିନିଧିତ୍ୱକରେ। ସାମର୍ଥ୍ୟ ହେଉଛି କାର୍ଯ୍ୟ କରିବାର ଅନ୍ତର୍ନିହିତ ଶକ୍ତି। ଏହା ସମସ୍ୟା ସମାଧାନ ପାଇଁ ସାହାଯ୍ୟ କରେ। ପରିବେଷ୍ଟନୀ ସାମର୍ଥ୍ୟ ସୃଷ୍ଟିକରି ପାରିବ କିନ୍ତୁ ଜଣେ ବ୍ୟକ୍ତି ମଧ୍ୟରେ ଏହା ସୃଷ୍ଟି କରିପାରିବ ନାହିଁ। ସାମର୍ଥ୍ୟ ଜ୍ଞାନ ଆହରଣ କରିବାରେ ସାହାଯ୍ୟ କରେ କିନ୍ତୁ, ଏହାକୁ ଜ୍ଞାନ ବୋଲି ବିଚାରକରିବା ଉଚିତ୍ ନୁହେଁ। ଉକ୍ତ ସାମର୍ଥ୍ୟ ବ୍ୟକ୍ତି ମଧ୍ୟରେ କାର୍ଯ୍ୟ କୁଶଳତା ବୃଦ୍ଧି କରେ।

ବୁଦ୍ଧିମତ୍ତା ହେଉଛି ଏକ ମୁଖ୍ୟ ସାମର୍ଥ୍ୟ। ବିଭିନ୍ନ ପ୍ରଣାଳୀ ଓ ପରିକ୍ଷଣ ଦ୍ୱାରା ଜ୍ଞାନକୁ ମାପିବା ପାଇଁ ଅନେକ ଗବେଷଣା କରାଯାଇ ଅଛି। ଜ୍ଞାନକୁ ବୁଝିବା ପାଇଁ ଅନେକ ଆଭିମୁଖ୍ୟ ରହିଅଛି। ପ୍ରଥମ ଅବସ୍ଥାରେ ଏହା କେବଳ ଜ୍ଞାନାତ୍ମକ କିମ୍ବା ବୌଦ୍ଧିକ କ୍ଷେତ୍ରରେ ସୀମିତ ଥିଲା। ସମସାମୟିକ ଦୃଷ୍ଟି କୋଣରୁ ଯଥା ଗାର୍ଡ୍‌ନର୍‌ଙ୍କ ଦ୍ୱାରା ପ୍ରଦତ୍ତ କରାଯାଇ ଅଛି ଯେ କେତେକ ବହୁବିଧ ବୁଦ୍ଧି ଅଛି ଏବଂ ବ୍ୟକ୍ତିମାନଙ୍କର ଜ୍ଞାନାତ୍ମକ, ସଂଗୀତଯୁକ୍ତ, ଶାରୀରିକ, ଅନ୍ତର୍ବୈକ୍ତିକ ଏବଂ ଅନେକ କ୍ଷେତ୍ରରେ ବୁଦ୍ଧି ରହିଛି।

## ୨୦.୪ ମାନସିକ ବୟସ ଏବଂ ବୁଦ୍ଧି ସୂଚନାଙ୍କ

ମାନସିକ ଦକ୍ଷତାର ପ୍ରକୃତି ହେଉଛି ବିକାଶାମାଳାତ୍ମକ। ଏଣୁ ମନୋବୈଜ୍ଞାନିକମାନେ ବୟସ ସହ ସମ୍ପୃକ୍ତ ମାପଦଣ୍ଡ ସୃଷ୍ଟି କରିଛନ୍ତି। ପ୍ରତ୍ୟେକ ମାପଦଣ୍ଡ ଏକ ପ୍ରଶ୍ନକୁ ନେଇ ଗଠିତ ଯାହାକି ସାଧାରଣ ଭାବରେ ସେହି ବୟସର ଅଧିକାଂଶ ପିଲା ସଠିକ୍ ଭାବରେ ଉତ୍ତର ଦେଇପାରିବେ। ଉଦାହରଣ ସ୍ୱରୂପ: ପାଞ୍ଚ ବର୍ଷପିଲାଙ୍କ ପାଇଁ ଥିବା ମାପଦଣ୍ଡ ହେଉଛି ଯାହାକି ପାଞ୍ଚବର୍ଷର ବା ତଦୁର୍ଦ୍ଧ ବୟସ ପିଲାମାନେ ସହଜରେ ଉତ୍ତର କରିପାରିବେ।

କିନ୍ତୁ ଚରିବର୍ଷର ଅଧିକାଂଶ ପିଲାମାନେ ପାରିବେ ନାହିଁ। ଏଣୁ ଜଣେ ପିଲା ପାଞ୍ଚ ବର୍ଷର ମାପଦଣ୍ଡକୁ ଅତିକ୍ରମ କଲେ, ତାର ମାନସିକ ବୟସ ହେଉଛି ପାଞ୍ଚବର୍ଷ। କେବଳ ମାନସିକ ବୟସ ପିଲାଟି କେତେକ ବୁଦ୍ଧିମାନ ଅବା ସାଧାରଣ ଶ୍ରେଣୀର କିମ୍ୱା ବୁଦ୍ଧିହୀନ ଏକଥା ଦର୍ଶାଇ ପାରେନାହିଁ। ଏହାକୁ ଜାଣିବା ପାଇଁ ହେଲେ ମାନସିକ ବୟସ ସହିତ ପିଲାଟିର ପ୍ରକୃତ ବା କ୍ରମିକ ବୟସ କୁ ତୁଳନା କରିବାକୁ ହେବ। ଏଥିପାଇଁ ବୁଦ୍ଧ୍ୟାଙ୍କ ବା ବୁଦ୍ଧି ସୂଚନାଙ୍କ ପ୍ରଚଳିତ କରାଗଲା। ବୁଦ୍ଧି ସୂଚନାଙ୍କ ହେଉଛି ଏକ ଅନୁପାତ ଯାହାକୁ ମାନସିକ ବୟସକୁ ପ୍ରକୃତ ବୟସରେ ଭାଗକରି ୧୦୦ରେ ଗୁଣିଲେ ଆମେ ଜାଣିପାରିବା।

$$\text{ବୁଦ୍ଧ୍ୟାଙ୍କ} = \frac{\text{ମାନସିକ ବୟସ}}{\text{ପ୍ରକୃତ ବୟସ}} \times \text{୧୦୦}$$

$$IQ = \frac{Mental Age (MA)}{Chronological Age (CA)} \times 100$$

ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଯେଉଁଠି ମାନସିକ ବୟସ ଓ ପ୍ରକୃତ ବୟସ ସମାନ ସେଠାରେ ବୁଦ୍ଧି ସୂଚନାଙ୍କ ହେଉଛି ୧୦୦(ଯାହାକୁ ଆମେ ସାଧାରଣ ଶ୍ରେଣୀରେ ଅନ୍ତର୍ଭୁକ୍ତ କରିବା)। ଯେଉଁଠାରେ ମାନସିକ ବୟସ ପ୍ରକୃତ ବୟସଠାରୁ ଅଧିକ, ସେଠାରେ ବୁଦ୍ଧି ସୂଚନାଙ୍କ ହେଉଛି ୧୦୦ରୁ ଅଧିକ (ଯାହାକି ସାଧାରଣ ବର୍ଗଠାରୁ ଅଧିକ ବୁଦ୍ଧିମାନ)। ଯେଉଁଠାରେ ପ୍ରକୃତ ବୟସ ମାନସିକ ବୟସ ଠାରୁ ଅଧିକ ସେଠାରେ ବୁଦ୍ଧି ସୂଚନାଙ୍କ ହେଉଛି ୧୦୦ରୁ କମ୍ (ଯାହାକି ସାଧାରଣ ବର୍ଗଠାରୁ କମ୍ ବୁଦ୍ଧିମାନ ଅଟେ)। ମାନସିକ ବୟସ ଶବ୍ଦଟି ୧୮ବର୍ଷଠାରୁ ଅଧିକ ବୟସ ପିଲାଙ୍କ କ୍ଷେତ୍ରରେ ବ୍ୟବହାର ହୋଇପାରିବ ନାହିଁ କାରଣ ସେହି ସମୟକୁ ପିଲାଟିର ମାନସିକ ସାମର୍ଥ୍ୟର ପୂର୍ଣ୍ଣବିକାଶ ଘଟି ସାରିଥାଏ। ତେଣୁ ମାନିକ ବୟସ ଶବ୍ଦଟି ୧୮ବର୍ଷ ଠାରୁ ଅଧିକ ବୟସ ପିଲାଙ୍କ ପାଇଁ ଅର୍ଥହୀନ। ପ୍ରଚଳିତ ବିଧି ହେଉଛି କେବଳ ଗୋଟିଏ ମୂଲ୍ୟାଙ୍କନ ପରିବର୍ତ୍ତେ ବିଭିନ୍ନ ପ୍ରକାରର ଦକ୍ଷତା ଓ କାର୍ଯ୍ୟାବଳୀକୁ ନେଇ ବ୍ୟକ୍ତିର ଜୀବନଲେଖ୍ୟ ପ୍ରସ୍ତୁତ କରିବା।

## ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ୨୦.୩

୧. ମାନସିକ ବୟସ ଏବଂ ବୁଦ୍ଧି ସୂଚନାଙ୍କ ମଧ୍ୟରେ ପାର୍ଥକ୍ୟ କ'ଣ ?

୨. ସାମର୍ଥ୍ୟ କହିଲେ ତୁମେ କ'ଣ ବୁଝ ?

## ୨୦.୫ ଅଭିବୃତ୍ତି, ଆଗ୍ରହ ଓ ସାମର୍ଥ୍ୟ ମଧ୍ୟରେ ସମ୍ପର୍କ ଏବଂ ଏହାର ଗୁରୁତ୍ୱ

ଜଣଙ୍କର ସାମର୍ଥ୍ୟ, ଅଭିବୃତ୍ତି ଓ ଆଗ୍ରହ ମଧ୍ୟରେ ସମନ୍ୱୟ ରକ୍ଷାକରି ଯେକୌଣସି କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିବା ଅତ୍ୟଧିକ ଗୁରୁତ୍ୱପୂର୍ଣ୍ଣ ଅଟେ। ଉକ୍ତ ପ୍ରତ୍ୟୟ ଗୁଡ଼ିକ ଶିକ୍ଷାର ବିଭିନ୍ନ ସ୍ତର କିମ୍ବା ପର୍ଯ୍ୟାୟରେ ଅଧ୍ୟୟନର ଚୟନ, ସହ ପାଠ୍ୟକ୍ରମ କାର୍ଯ୍ୟାବଳୀ, ଅଭିରୁଚି, ସ୍ୱତନ୍ତ୍ର ଦକ୍ଷତାର ଶିକ୍ଷଣ ଇତ୍ୟାଦି ସହ ସମ୍ପର୍କିତ ଅଟେ। ଜଣେ ବ୍ୟକ୍ତି ପାଇଁ ନିଜ ଜୀବନ ନିର୍ବାହର ପନ୍ଥା ଠିକ୍ କରିବା ହେଉଛି ଅତ୍ୟଧିକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି। ଜୀବନ ନିର୍ବାହ ପନ୍ଥାର ସଠିକ୍ ନିଷ୍ପତ୍ତି ଆନନ୍ଦ ଓ କାର୍ଯ୍ୟ ସନ୍ତୋଷ ପ୍ରଦାନ କରେ। ତେଣୁ କାର୍ଯ୍ୟପାଇଁ ନିଷ୍ପତ୍ତି ଗୁଡ଼ିକ ସଠିକ, ବିଶ୍ୱାସ ଯୋଗ୍ୟ ଓ କାର୍ଯ୍ୟ ପାଇଁ ଦରକାର ହେଉଥିବା ସବିଶେଷ ତଥ୍ୟ ଏବଂ ବ୍ୟକ୍ତିର ବୁଦ୍ଧି, ଅଭିବୃତ୍ତି ଓ ଆଗ୍ରହକୁ ନେଇ ଗ୍ରହଣ କରାଯିବା ଦରକାର।

## ୨୦.୬ କାର୍ଯ୍ୟ ଆବଶ୍ୟକତାର ବିଶ୍ଳେଷଣ ଏବଂ ସୂଚନା ପ୍ରଦାନ

କାର୍ଯ୍ୟ ବିବରଣ ବହୁତ ଉଦ୍ଦେଶ୍ୟ ପୂରଣ କରିଥାଏ। ଗୋଟିଏ କାର୍ଯ୍ୟ ବିବରଣ ଆବେଦନକାରୀମାନଙ୍କୁ

ଜଣାଇ ଥାଏ ଯେ ନିଯୁକ୍ତିଦାତା ସେମାନଙ୍କଠାରୁ କ'ଣ କରାଇବା ପାଇଁ ଚାହୁଁଛନ୍ତି ଏବଂ କାର୍ଯ୍ୟଟି ସମ୍ପାଦନ କରିବା ପାଇଁ ସେମାନଙ୍କର ଅଭିବୃତ୍ତି, ଆଗ୍ରହ ଓ ସାମର୍ଥ୍ୟ ଅନୁସାରେ ସେମାନେ କେଉଁ ଜ୍ଞାନ କୌଶଳ ପ୍ରୟୋଗ କରିବାର ଆବଶ୍ୟକତା ରହିଛି । ଯେତେବେଳେ ସଠିକ୍ ଅଭିବୃତ୍ତିଧାରୀ ଆବେଦକାରୀ ସଠିକ୍ ଅଭିବୃତ୍ତିଧାରିକୁ ଏହା ଆକର୍ଷଣ କରେ ସେତେବେଳେ ଏହାର ଉଦ୍ଦେଶ୍ୟ ପୁରଣ ହୋଇଥାଏ । କାର୍ଯ୍ୟ ବିବରଣ ମୁଖ୍ୟତଃ କାର୍ଯ୍ୟଟିର ପ୍ରକୃତି, ବେତନ, ଅନ୍ୟାନ୍ୟ ସୁବିଧା, କାର୍ଯ୍ୟସମୟ ଓ ଛୁଟି ତଥା ଦରକାର ହେଉଥିବା ବୁଦ୍ଧିରସ୍ତର, ଅଭିବୃତ୍ତି ଏବଂ ଆଗ୍ରହ ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିଥାଏ । ଉଦାହରଣ ସ୍ୱରୂପ ଜଣେ ସ୍କୁଲ ଶିକ୍ଷକଙ୍କର ଉତ୍ତମ ଭାବ ବିନିମୟ ଦକ୍ଷତା, ଧୈର୍ଯ୍ୟ, ଶିକ୍ଷାଦାନ ଓ ଶ୍ରେଣୀ ପରିଚାଳନା କରିବାର ଅଭିବୃତ୍ତି ଏବଂ ଶିକ୍ଷାଗତ ଯୋଗ୍ୟତା ଇତ୍ୟାଦି ରହିବା ନିତାନ୍ତ ଆବଶ୍ୟକ । ବିଦ୍ୟାଳୟରେ ପାଠ ପଢ଼ା ସମୟ ଛୁଟି ଏବଂ ବେତନ ମଧ୍ୟ କାର୍ଯ୍ୟ ବିବରଣରେ ଅନ୍ତର୍ଭୁକ୍ତ ହୋଇଥାଏ । ଯଦି ଜଣେ ଆବଦନକାରୀ ଜାଣେ ଯେ ସେ ଏସବୁ ଅଧିକାରୀ ତେବେ ସେ ଶିକ୍ଷକ ହେବା ପାଇଁ ନିଷ୍ପତ୍ତି ଗ୍ରହଣ କରିପାରେ । ଆଗାମୀ ଅଧ୍ୟାୟରେ କିପରି ଜୀବନ ନିର୍ବାହ ଏକ ପନ୍ଥା ସ୍ଥିର କରିବାକୁ ହୁଏ ସେ ବିଷୟରେ ଜାଣିବ ।

## ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ୨୦.୪

୧. ଉତ୍ତମ ଜୀବନ ନିର୍ବାହର ପନ୍ଥା ପାଇଁ ନିଆଯିବା ନିଷ୍ପତ୍ତିର ଫଳ କ'ଣ ?

________________________________________

୨. କାର୍ଯ୍ୟ ବର୍ଣ୍ଣନାର ଉଦ୍ଦେଶ୍ୟ କ'ଣ ?

________________________________________

## ତୁମେ କଣ ଶିକ୍ଷାକଲ

- ବ୍ୟକ୍ତିର ଅଭିବୃତ୍ତି, ଆଗ୍ରହ ଏବଂ ସାମର୍ଥ୍ୟକୁ ବୁଝିବା ଅତ୍ୟନ୍ତ ଆବଶ୍ୟକ ଏବଂ ସେଗୁଡ଼ିକ କାର୍ଯ୍ୟ ଆବଶ୍ୟକତା ସହିତ ମେଳ ଖାଉଥିବା ଦରକାର ।
- ଆଗ୍ରହ ଓ ସାମର୍ଥ୍ୟକୁ ମୂଲ୍ୟାୟନ କରିବା ଦ୍ୱାରା ବ୍ୟକ୍ତି ବିଭିନ୍ନତାର ଜ୍ଞାନ ଅଭିବୃତ୍ତି ଲାଭ କରାଯାଇ ପାରିବ ।
- ଅଭିବୃତ୍ତିହେଉଛି ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ କ୍ଷେତ୍ରରେ ଥିବା ସ୍ୱତନ୍ତ୍ର ସାମର୍ଥ୍ୟ ଏହା ଜନ୍ମଗତ ଓ ପରିବେଷ୍ଟନୀ ଜନିତ ଉପାଦାନରୁ ସୃଷ୍ଟି ହୋଇଥାଏ ।
- ଅଭିବୃତ୍ତି କରୀକ୍ଷଣର ଫଳାଫଳ ଗୁଡ଼ିକ ଶିକ୍ଷାଗତ ଓ ବୃତ୍ତିଗତ ମାର୍ଗ ଦର୍ଶନରେ ବ୍ୟବହୃତ ହୋଇଥାଏ ।
- ଆଗ୍ରହ ହେଉଛି ଏକ ପ୍ରବୃତ୍ତି ଯଦ୍ୱାରା ଆମେ ଗୋଟିଏ କାର୍ଯ୍ୟଅପେକ୍ଷା ଅନ୍ୟ ଏକ କାର୍ଯ୍ୟକୁ ପସନ୍ଦ କରି ଥାଉ ।
- ଅନ୍ତଃ-ଆଗ୍ରହ ହେଉଛି ବାସ୍ତବିକ ଓ ପ୍ରାକୃତିକ ଆଗ୍ରହ ମାତ୍ର ବାହ୍ୟ-ଆଗ୍ରହ ଗୁଡ଼ିକ ଆମେ ଅର୍ଜନ କରିଥାଉ ଏବଂ ସେଗୁଡ଼ିକ ବାହାରୁ ଆସିଥିବା ଆଗ୍ରହ ।
- କୌଣସି ବିଷୟ, କ୍ଷେତ୍ର କିମ୍ବା କାର୍ଯ୍ୟପ୍ରଣାଳୀରେ ଶିକ୍ଷାଗତ ଓ ବୃତ୍ତିଗତ ମାର୍ଗ ଦର୍ଶନରେ ଆଗ୍ରହ ସାହାଯ୍ୟ କରେ ।
- ଆଗ୍ରହ ତାଲିକାମାନଙ୍କ ଠାରୁ ମିଳୁଥିବା ତଥ୍ୟ ଗୁଡ଼ିକ, ସାମର୍ଥ୍ୟ ଏବଂ ଅଭିବୃତ୍ତି ପରୀକ୍ଷଣ ତଥା ବ୍ୟକ୍ତିର ବୃତ୍ତିଗତ ଅଭିଜ୍ଞତା, ସହପାଠ୍ୟକ୍ରମ କାର୍ଯ୍ୟାବଳୀ ବା ଆମୋଦପ୍ରମୋଦର ପନ୍ଥାନୁସରଣ ପ୍ରତିଥିବା ମନୋଭାବ ର ପରିପୂରକ ହେବା ଉଚିତ୍ ।

- ସାମର୍ଥ୍ୟକୁ ସାଧାରଣତଃ ବୁଦ୍ଧି କୁହାଯାଏ। ଏହା ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ଆବେଦନକାରୀ କେତେ ଉପଯୁକ୍ତ ସେହି ବିଷୟରେ ତଥ୍ୟ ପ୍ରଦାନ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ।
- କାର୍ଯ୍ୟ ଆବଶ୍ୟକତା ମୁଖ୍ୟତଃ କାର୍ଯ୍ୟଟିର ପ୍ରକୃତି, ବେତନ, କାର୍ଯ୍ୟର ଅବସ୍ଥା, ସମୟ ଏବଂ କାର୍ଯ୍ୟରେ ସଫଳତା ଲାଭ କରିବା ନିମନ୍ତେ ଦରକାର ହେଉଥିବା ସାମର୍ଥ୍ୟ, ଅଭିବୃତ୍ତି ଏବଂ ଆଗ୍ରହ ଉପରେ ତଥ୍ୟ ଯୋଗାଇଥାଏ।

ଟିପ୍ପଣୀ

## ଅନ୍ତିମ ପ୍ରଶ୍ନାବଳୀ

୧. ଅଭିବୃତ୍ତି କାହାକୁ କହନ୍ତି ? ଗୋଟିଏ ଅଭିବୃତ୍ତି ପରୀକ୍ଷଣ ବର୍ଣ୍ଣନାକର ଏବଂ ଏହାର ବ୍ୟବହାର ଦର୍ଶାଅ।

୨. ଆଗ୍ରହ କ'ଣ ? ଉପଯୁକ୍ତ ବିଷୟ ଏବଂ ଜୀବନ ନିର୍ବାହ ପନ୍ଥାର ଚୟନ ପାଇଁ ଆଗ୍ରହ କିପରି ସାହାଯ୍ୟ କରେ ?

୩. ସଂକ୍ଷେପରେ ସାମର୍ଥ୍ୟକୁ ଆଲୋଚନା କର ଏବଂ ବୁଦ୍ଧିର ସାଂପ୍ରତିକ ମତ ବର୍ଣ୍ଣନା କର।

୪. ଶିକ୍ଷାଗତ ଓ ବୃତ୍ତିଗତ ଚୟନ କରିବାରେ ଅଭିବୃତ୍ତି, ଆଗ୍ରହ ଏବଂ ସାମର୍ଥ୍ୟର ଭୂମିକା ବର୍ଣ୍ଣନା କର।

## ପାଠ୍ୟଗତ ପ୍ରଶ୍ନଗୁଡ଼ିକର ଉତ୍ତର

**୨୦.୧**

୧. ଏହା ହେଉଛି ଏକ ସ୍ୱତନ୍ତ୍ର ସାମର୍ଥ୍ୟ ଏବଂ ଭବିଷ୍ୟତ କୃତି ନିରୁପଣ କରିବାରେ ସାହାଯ୍ୟ କରେ।

**୨୦.୨**

୧. ଏହା ନିର୍ଦ୍ଦିଷ୍ଟ କାର୍ଯ୍ୟକୁହିଁ ପସନ୍ଦ କରିବାକୁ ବୁଝାଏ।

**୨୦.୩**

୧. ମାନସିକ ବୟସ ସ୍ୱାଭାବିକ ଭାବରେ ମାନାଙ୍କ ଅର୍ଥରେ ବୟସ ସମ୍ବନ୍ଧୀତ ମାନସିକ ପରିପକ୍ୱତାକୁ ବୁଝାଏ ଓ ବୁଦ୍ଧି ସୂଚନାଙ୍କ ମାନସିକ ବୟସ ଓ କ୍ରମିକ ବୟସର ଅନୁପାତକୁ ବୁଝାଏ।

୨. କାର୍ଯ୍ୟକରିବାର ଅନ୍ତର୍ନିହିତ ଶକ୍ତି।

**୨୦.୪**

୧. ଆନନ୍ଦ ଏବଂ କାର୍ଯ୍ୟ ସନ୍ତୋଷ।

୨. ଏହା କାର୍ଯ୍ୟର ପ୍ରକୃତି, ବେତନ ଏବଂ କାର୍ଯ୍ୟ ଅବସ୍ଥା ଇତ୍ୟାଦି ଉପରେ ତଥ୍ୟ ପ୍ରଦାନ କରେ।

### ଅନ୍ତିମ ପ୍ରଶ୍ନଗୁଡ଼ିକ ନିମନ୍ତେ ସୂଚନା:

୧. ୨୦.୧ ପରିଚ୍ଛେଦ ଅନୁଶୀଳନ କର।

୨. ୨୦.୨ ପରିଚ୍ଛେଦ ଅନୁଶୀଳନ କର।

୩. ୨୦.୩ ପରିଚ୍ଛେଦ ଅନୁଶୀଳନ କର।

୪. ୨୦.୫ ପରିଚ୍ଛେଦ ଅନୁଶୀଳନ କର।

ଟିପ୍ପଣୀ

# ୨୧

# ବୃତ୍ତିଗତ ଭୂମିକା ନିମନ୍ତେ ପ୍ରସ୍ତୁତି

ସାଂପ୍ରତିକ ଜଗତ ଅତ୍ୟନ୍ତ ପ୍ରତିଯୋଗିତାପୂର୍ଣ୍ଣ ଅଟେ। ବଜାରରେ ଦିନକୁ ଦିନ ନୂଆ ନୂଆ ସୁଯୋଗ ସୃଷ୍ଟିହେବାର ଆମେ ଦେଖୁଛେ। ଏଣୁ ପ୍ରତିଯୋଗିତା ଏବଂ ସୁଯୋଗ ସହତ ତାଳଦେଇ ଅଳ୍ପ ବୟସରୁ ବୃତ୍ତିଗତ ଚୟନ ତଥା ବୃତ୍ତିଗତ ଭୂମିକା ନିମନ୍ତେ ପ୍ରସ୍ତୁତିର ଆବଶ୍ୟକତାକୁ ଅନୁଭବ କରାଯାଇପାରେ। ବିଗତ ଶତାବ୍ଦୀର ପ୍ରାରମ୍ଭିକ ସମୟରୁ ଅନେକ ଧୂରୀଣ ବ୍ୟକ୍ତି ମତ ଉପସ୍ଥାପନ କରିଥିଲେ ଯେ ପ୍ରତ୍ୟେକ ଛାତ୍ର ଏକ ନିର୍ଦ୍ଦିଷ୍ଟ ବୃତ୍ତି ନିମନ୍ତେ ଉପଯୁକ୍ତ ଯୋଜନା ପ୍ରସ୍ତୁତ କରିବା ନିହାତି ଆବଶ୍ୟକ ବୃତ୍ତି ଚୟନର ଅର୍ଥ ନୁହେଁ ଜଣେ ବ୍ୟକ୍ତି କ'ଣ କରିବା ନିମନ୍ତେ ନିଷ୍ପତ୍ତି ନେଇଛନ୍ତି। କେବଳ ମାତ୍ର ଗୋଟିଏ କାର୍ଯ୍ୟର ଅନୁସନ୍ଧାନ ଅପେକ୍ଷା ଗୋଟିଏ ବୃତ୍ତିର ମନୋନୟନ ଉତ୍ତମ ଅଟେ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟଟିକୁ ଅଧ୍ୟୟନ କରିବା ପରେ ତୁମେ ସକ୍ଷମ ହେବ:

- ବୃତ୍ତିଗତ ଭୂମିକା ନିମନ୍ତେ ପ୍ରସ୍ତୁତିପର୍ବର ଆବଶ୍ୟକତା ବ୍ୟାଖ୍ୟା କରିବା,
- ଜୀବିକା, ବୃତ୍ତି ଏବଂ ପେଷା ସଦୃଶ ପ୍ରତ୍ୟୟମାନଙ୍କର ଅର୍ଥର ବର୍ଣ୍ଣନା କରିବା,
- ଏକ ବୃତ୍ତି ନିମନ୍ତେ ସାଧାରଣ ଆବଶ୍ୟକତା, ଏବଂ
- ଜୀବିକା ମନୋନୟନ କ୍ଷେତ୍ରରେ ସମସ୍ୟା ଓ ସମ୍ଭାବନାର ବ୍ୟାଖ୍ୟା କରିବା।

## ୨୧.୧ ବୃତ୍ତିଗତ ଭୂମିକାର ଅର୍ଥ

କର୍ମମୟ ଜଗତ ଓ ପେଶାଗତ ସୁଯୋଗକୁ ବୃତ୍ତି ବୋଲି କୁହାଯାଏ। ଅନେକ ଦଶନ୍ଧି ଧରି ଜୀବିକା ମନୋନୟନକୁ କେବଳ କାର୍ଯ୍ୟ ମଧ୍ୟରେ ସୀମିତନରଖି କାର୍ଯ୍ୟ ଅନୁସନ୍ଧାନକାରୀ ବ୍ୟକ୍ତିମାନଙ୍କୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ଏଣୁ, ପେଶାଗତ ଏବଂ ବୃତ୍ତିଗତ ମନୋନୟନକୁ ଜୀବିକା ମନୋନୟନ ରୂପେ ବିବେଚନା କରାଯାଏ।

## ୨୧.୨ ସଠିକ୍ ବୃତ୍ତି ନିମନ୍ତେ ପ୍ରସ୍ତୁତିପର୍ବର ପ୍ରୟୋଜନୀୟତା

ପ୍ରାୟତଃ ପିତାମାତା, ବନ୍ଧୁବର୍ଗ ଓ ସମାଜର ସଦସ୍ୟମାନଙ୍କ ଠାରୁ ଶୁଣି, ପତ୍ରପତ୍ରିକାରୁ ପଢ଼ି କିମ୍ବା ଟେଲିଭିଜନରୁ ଦେଖି ଅଧିକାଂଶ ବ୍ୟକ୍ତି ଗୋଟିଏ ବୃତ୍ତିକୁ ଚୟନ କରନ୍ତି। ଏହି ସୀମିତ ଜ୍ଞାନକୁ ନେଇ ଆମେ ଚିନ୍ତାକରୁ ଯେ କର୍ମ କ'ଣ ଆମେ ଜାଣୁ ଏବଂ ତାହାର ବିଭିନ୍ନ ସମସ୍ୟାଗୁଡ଼ିକୁ ବୁଝିବାକୁ ଚେଷ୍ଟାକରୁ। ବୃତ୍ତିଟିଏ ମନୋନୟନ କରିବାପରେ ଯଦି ଆମେ ଉପଲବ୍ଧକରୁ ଯେ ଆମର ଦକ୍ଷତା ଏବଂ ଅଭିବୃତ୍ତି ଏଥିପାଇଁ ଉପଯୁକ୍ତ

ନୁହେଁ ତେବେ ଆମେ ଅର୍ଥ, ସମୟ ଏବଂ ଅନେକ କିଛି ହରାଇବା। ସୁତରାଂ, ନିଜକୁ ପ୍ରସ୍ତୁତ କରିବା ଏବଂ ସଠିକ୍ ମନୋନୟନ କରିବାର ପ୍ରୟୋଜନ ଅଛି। ଶିକ୍ଷାର ଏକ ଉପଯୁକ୍ତ ଧାରା ବା ବିଭାଗର ଚୟନ ନିମନ୍ତେ ଗଭୀର ଭାବେ ଚିନ୍ତା କରିବା ଏକ ଜରୁରୀ ପ୍ରକ୍ରିୟା। ଶିକ୍ଷାବ୍ୟବସ୍ଥାରେ ପ୍ରବେଶକରିବା ଚୟନ ପ୍ରକ୍ରିୟା ସହିତ ହିଁ ଆରମ୍ଭ ହୋଇଥାଏ। ଯେତେବେଳେ ଜଣେ ଚୟନ କରେ, ଏହା ସାଧାରଣ ଶିକ୍ଷାଠାରୁ ସ୍ୱତନ୍ତ୍ର ଧରଣର ତାଲିମ ପର୍ଯ୍ୟନ୍ତ ସମସ୍ତ ବ୍ୟବସ୍ଥାକୁ ନିର୍ଦ୍ଧାରଣ କରେ। ଏଣୁ, ଛାତ୍ରମାନଙ୍କ ନିମନ୍ତେ ଦୁଇଟି ବିକଳ୍ପ ରହିଛି- ସାଧାରଣ ଶିକ୍ଷା ଏବଂ ସ୍ୱତନ୍ତ୍ର ତାଲିମ୍। ସାଧାରଣ ଶିକ୍ଷା ହେଉଛି ଏପରି ଶିକ୍ଷା ଯାହାର ଲକ୍ଷ୍ୟ ହେଉଛି ଛାତ୍ରମାନଙ୍କୁ ପଢ଼ିବା, ଲେଖିବାର ମୌଳିକ କୌଶଳ, ଭୌତିକ, ସାମାଜିକ, ସାଂସ୍କୃତିକ, ପରିବେଶ ଜନିତ ମୂଲ୍ୟବୋଧ ସମ୍ବନ୍ଧୀୟ ଜ୍ଞାନ ଏବଂ ଅଭିପ୍ରେରଣା ବିଷୟରେ ଅବଗତ କରାଇବା। ସାଧାରଣତଃ ପେଶାରେ ପ୍ରବେଶ କରିବା କିମ୍ବା ଉଚ୍ଚଶିକ୍ଷାରେ କିମ୍ବା ବିଭିନ୍ନ ସ୍ୱତନ୍ତ୍ର ତାଲିମର ପାଠ୍ୟକ୍ରମରେ ନାମ ଲେଖିବା ନିମନ୍ତେ ମାଧ୍ୟମିକ ବା ଉଚ୍ଚମାଧ୍ୟମିକ ସ୍ତରରର ଯୋଗ୍ୟତା ପ୍ରୟୋଜନ ହୋଇଥାଏ।

## ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ୨୧.୧

୧. ସଠିକ୍ ବୃତ୍ତି ଚୟନ କରିବା ନିମନ୍ତେ ପ୍ରୟୋଜନ ହେଉଥିବା ଦୁଇଗୋଟି ବିକଳ୍ପକୁ ଚିହ୍ନଟ କରି ଏଗୁଡ଼ିକର ବ୍ୟାଖ୍ୟାକର।

---

## ୨୧.୩ ସ୍ୱତନ୍ତ୍ର ଧରଣର ତାଲିମ

ଅଧୁନା ଭାରତବର୍ଷରେ ଶିକ୍ଷାର ଦ୍ରୁତ ପ୍ରସାର ହେଉଛି। ଶିକ୍ଷିତ ବ୍ୟକ୍ତି ମାନଙ୍କର ସଂଖ୍ୟାରେ ବୃଦ୍ଧି ଦେଶର ନିଯୁକ୍ତି କ୍ଷେତ୍ରକୁ ବିପର୍ଯ୍ୟସ୍ତ କରିଛି ଏବଂ ଉଚ୍ଚଶିକ୍ଷା କ୍ଷେତ୍ରରେ ବିଫଳତା ବର୍ଷକୁ ବର୍ଷ ବଢ଼ିଚାଲିଛି। ଏହାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ତାଲିମର ପ୍ରୟୋଜନ ଅନୁଭବ ହୋଇଛି। କାରଣ, ପ୍ରତ୍ୟେକ କର୍ମ କ୍ଷେତ୍ରରେ ଆମର ଦକ୍ଷ ବ୍ୟକ୍ତିମାନଙ୍କର ଆହୁରି ଆବଶ୍ୟକତା ଅଛି।

ବିଭିନ୍ନ ପେଶାରେ ପ୍ରବେଶ କରିବାଲାଗି ପ୍ରସ୍ତୁତ ହେଉଥିବା ଶିକ୍ଷାର୍ଥୀମାନଙ୍କ ନିମନ୍ତେ ବିଭିନ୍ନ ପେଶାଲାଗି ଆବଶ୍ୟକ ସ୍ୱତନ୍ତ୍ର ଧରଣର ତାଲିମ ଅତ୍ୟନ୍ତ ଉପଯୋଗୀ ଅଟେ। ଏହି ଧରଣର ତାଲିମ ପ୍ରଦାନ କରୁଥିବା ଅନୁଷ୍ଠାନ ଗୁଡ଼ିକୁ ମଧ୍ୟଜାଣିବା ଦରକାର। ଏହିଭଳି କେତେକ ଅନୁଷ୍ଠାନମାନଙ୍କ ସମ୍ପର୍କରେ ସୂଚନା ନିମ୍ନରେ ପ୍ରଦାନ କରାଯାଇଛି:

୧. **ପେଶାଗତ ଅନୁଷ୍ଠାନ:** ଏହି ଅନୁଷ୍ଠାନମାନଙ୍କରେ ଡାକ୍ତରୀ, ଇଂଜିନିୟରିଂ, ମ୍ୟାନେଜ୍‌ମେଣ୍ଟ, ସୂଚନା ଓ ପ୍ରଯୁକ୍ତି ଏବଂ ଆଇନ୍ ଇତ୍ୟାଦି ସ୍ୱତନ୍ତ୍ର କ୍ଷେତ୍ର ନିମନ୍ତେ ଶିକ୍ଷାର୍ଥୀମାନଙ୍କୁ ସ୍ନାତକ ଓ ସ୍ନାତୋକତ୍ତର ସ୍ତରରେ ଉଚ୍ଚଶିକ୍ଷା ପ୍ରଦାନ କରାଯାଏ।

୨. **ବହୁମୁଖୀ ବୈଷୟିକ ଶିକ୍ଷା:** ଏହି ଅନୁଷ୍ଠାନମାନେ ଏଭଳି ପାଠ୍ୟକ୍ରମ ଓ ପ୍ରଶିକ୍ଷଣ ପ୍ରଦାନ କରନ୍ତି ଯାହା ଛାତ୍ର ମାନଙ୍କୁ ଟେକ୍‌ନିସିଆନ, ଜୁନିଅର ଇଂଜିନିୟର ଓ ମ୍ୟାପ୍ ପ୍ରସ୍ତୁତକାରୀ ହେବାକୁ ପ୍ରସ୍ତୁତ କରିଥାଏ। ଫଳରେ ଏମାନେ ଅନ୍ୟପେଶାଧାରୀ ବ୍ୟକ୍ତିମାନଙ୍କୁ ସହାୟତା ଦେବାର ଦକ୍ଷତା ହାସଲ କରିଥାନ୍ତି।

୩. **ବାଣିଜ୍ୟିକ ଅନୁଷ୍ଠାନ:** ଟାଇପ୍ କରିବା, କ୍ଷିପ୍ରତା ସହକାରେ ଲେଖିବା, ହିସାବ ରଖିବା, ଫାଇଲ୍ ପରିଚାଳନା କରିବା ଆଦି ପାଠ୍ୟକ୍ରମର ପ୍ରଶିକ୍ଷଣ ଏହି ଅନୁଷ୍ଠାନମାନେ ପ୍ରଦାନ କରିଥାନ୍ତି।

୪. **କାରିଗରୀ ତାଲିମ ବିଦ୍ୟାଳୟ:** କପଡ଼ାକାଟି ପୋଷାକ ସିଲେଇ କରିବା, ଲୁଗା ବୁଣିବା, ଛୁଞ୍ଚିକାମ କରି ଫୁଲ ପକାଇବା, ହସ୍ତଶିଳ୍ପ ଓ ବଢ଼େଇକାମ ନିମନ୍ତେ ପ୍ରଶିକ୍ଷଣ ବିଦ୍ୟାଳୟ ମାନଙ୍କର ଚାହିଦା ଅଳ୍ପ କିଛି ବର୍ଷ ହେଲା ବୃଦ୍ଧିପାଇ ଲାଗିଛି।

୫. **ସ୍ୱତନ୍ତ୍ର ଅନୁଷ୍ଠାନ:** ଆଜିକାଲିର ପିଲାମାନେ ଚଳଚିତ୍ର ଓ ଟେଲିଭିଜନ ସଂସ୍ଥା, ଜଳଜାହାଜରେ ନାବିକ ହେବା, ହୋଟେଲ୍ ପରିଚାଳନାର ଅନୁଷ୍ଠାନ, ବେଶଭୂଷା ସଂପର୍କୀୟ ବୈଷୟିକ ଶିକ୍ଷାପରି ସ୍ୱତନ୍ତ୍ର ଅନୁଷ୍ଠାନମାନଙ୍କ ପ୍ରତି ମଧ୍ୟ ଆକର୍ଷିତ ହେଉଛନ୍ତି।

୬. **ପତ୍ରବିନିମୟ ଅନୁଷ୍ଠାନ:** କୌଣସି ନା କୌଣସି କାରଣରୁ ଯେଉଁ ଛାତ୍ରମାନେ ନିୟମିତ ଶିକ୍ଷାନୁଷ୍ଠାନରେ ପ୍ରବେଶ କରିପାରୁନାହାନ୍ତି ସେମାନଙ୍କୁ ଦୂରନ୍ତ ଶୈଳୀରେ ଶିକ୍ଷାପ୍ରଦାନ କରାଯାଇ ପାରୁଛି। ନିଜ ଗୃହରେ ରହି କିମ୍ବା ଜୀବନଧାରଣ ନିମନ୍ତେ ଉପାର୍ଜନରେ ବ୍ୟସ୍ତଥାଇ ସେମାନେ ଶିକ୍ଷା ଗ୍ରହଣକୁ ସମ୍ପନ୍ନ କରିପାରନ୍ତି। ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (IGNOU), ଅନ୍ନା ମଲାଇ ବିଶ୍ୱବିଦ୍ୟାଳୟ, ଆଲିଗଡ଼ ମୁସ୍‌ଲିମ୍ ବିଶ୍ୱବିଦ୍ୟାଳୟ, ଆଲିଗଡ଼, ମୁକ୍ତ ବିଦ୍ୟାଳୟୀ ଶିକ୍ଷାସଂସ୍ଥାନ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପରି ଅନେକ ଅନୁଷ୍ଠାନ ଦୂରନ୍ତ ଶୈଳୀରେ ଶିକ୍ଷାପ୍ରଦାନ କରୁଛନ୍ତି। ତୁମମାନଙ୍କୁ ଯେଉଁ ପଠନ ସାମଗ୍ରୀ ଯୋଗାଇ ଦିଆଯାଇଛି ତାହା ଦୂରନ୍ତ ଶୈଳୀ ଅଟେ। ଏହା ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟୀ ଶିକ୍ଷା ସଂସ୍ଥାନ(NIOS) ଦ୍ୱାରା ପ୍ରଦାନ କରାଯାଉଛି।

## ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ୨୧.୨

୧. ସ୍ୱତନ୍ତ୍ର ଅନୁଷ୍ଠାନମାନଙ୍କର ଉଦ୍ଦେଶ୍ୟ କ'ଣ?

______________________________

## ୨୧.୪ ଜୀବିକା, ବୃତ୍ତି ଓ ପେଶା

ଇତିହାସରୁ ଜଣାଯାଇଛି ଯେ 'ଜୀବିକା'କୁ ବୃତ୍ତି ଓ ପେଶାପରି ବିଭିନ୍ନ ନାମରେ ନାମିତ କରାଯାଏ। କିନ୍ତୁ ଜୀବିକା ବୃତ୍ତି ଅପେକ୍ଷା ଅଧିକ ଆଧୁନିକ। 'ଜୀବିକା' ମଧ୍ୟ 'ପେଶା' ଠାରୁ ଅଧିକ ବିସ୍ତୃତ। ଜୀବିକାର ଅର୍ଥ ହେଉଛି ଘଟଣାବଳୀର ଧାରା ଯାହାକି ଏକ ଜୀବନକୁ ଗଢ଼ିଥାଏ। ଏଥିରେ ବ୍ୟକ୍ତିର ପେଶାଗୁଡ଼ିକର କ୍ରମପର୍ଯ୍ୟାୟ ଏବଂ ତା ଜୀବନର ଅନ୍ୟାନ୍ୟ ଭୂମିକାମାନ ସଂପୃକ୍ତ ଥାଏ। ଏସବୁ ମିଳିତ ହୋଇ ବ୍ୟକ୍ତିର ସର୍ବୋଦୌ ଆତ୍ମ ସମୃଦ୍ଧି ଉଦ୍ଦେଶ୍ୟରେ କାର୍ଯ୍ୟପ୍ରତି ତା'ର ଅଙ୍ଗୀକାରବଦ୍ଧତାକୁ ବ୍ୟାପ୍ତକରେ। ବିଭିନ୍ନ ପ୍ରତିଷ୍ଠାନରେ ବ୍ୟକ୍ତି କରୁଥିବା ସମାନ କାର୍ଯ୍ୟର ଏକ ସମୂହକୁ ପେଷା ବୋଲି କୁହାଯାଏ।

ପେଶା ଓ କାର୍ଯ୍ୟମଧ୍ୟରେ ପାର୍ଥକ୍ୟ ରହିଛି। ଗୋଟିଏ କାରଖାନାରେ, ବ୍ୟବସାୟରେ, ଅନୁଷ୍ଠାନରେ କିମ୍ବା ଅନ୍ୟ କୌଣସି କର୍ମସ୍ଥଳରେ ହେଉ, ସମାନ ପଦବୀର ସମୂହକୁ କାର୍ଯ୍ୟ କୁହାଯାଏ। ବୃତ୍ତି ହେଉଛି ଏକ ପେଶା ଯାହାକି ବ୍ୟବସାୟାତ୍ମକ କିମ୍ବା ସ୍ୱେଚ୍ଛାକୃତ ହୋଇପାରେ। କିନ୍ତୁ ଏହାକୁ କେବଳ ଆୟଦୃଷ୍ଟିରୁ ଲାଭଦାୟକ ବୋଲି ଗୁରୁତ୍ୱନଦେଇ ବରଂ ଅନ୍ୟମାନଙ୍କର ମଙ୍ଗଳ ସାଧନ ଦୃଷ୍ଟିରୁ କେତେ ଲାଭଦାୟକ ସେଥିଲାଗି କରାଯାଏ। ଜଣେ କର୍ମଚାରୀର ମନସ୍ତାତ୍ତ୍ୱିକ ଆବଶ୍ୟକତାକୁ ପୂରଣ କରିବାଭଳି ଦୃଷ୍ଟିଭଙ୍ଗୀରେ ବୃତ୍ତିକୁ ବିବେଚନା କରାଯାଇପାରେ। କୌଣସି ପେଷା ନିମନ୍ତେ ଜଣେ ବ୍ୟକ୍ତିର ସ୍ୱତନ୍ତ୍ର ପ୍ରତିଭାକୁ ମଧ୍ୟ ବୃତ୍ତି ଦର୍ଶାଇଥାଏ। ଏହା ସୂଚିତ କରେ ଯେ ବ୍ୟକ୍ତିର ଏଥିନିମନ୍ତେ ଏକ ଅଦୃଶ୍ୟ ଆକର୍ଷଣ ରହିଛି।

## ୨୧.୫ ବୃତ୍ତି ନିମନ୍ତେ ସାଧାରଣ ଆବଶ୍ୟକତା

କର୍ମମୟ ଜଗତକୁ ବୁଝିବା ଆବଶ୍ୟକ। ବହୁ ସଂଖ୍ୟକ ପେଶାକୁ ନେଇ ଏହା ଗଠିତ। ଦୃଷ୍ଟାନ୍ତ ସ୍ୱରୂପ, ତୁମେ ଯଦି ଜଣେ ଶିକ୍ଷକ ହେବାକୁ ଚାହୁଁଛ ତେବେ ତୁମେ ସ୍ପଷ୍ଟଭାବେ ଜାଣିବା ଦରକାର ଯେ ଶିକ୍ଷକ ପେଶାରେ ଅନେକ ପ୍ରକାରଭେଦ ରହିଛି। ଶକ୍ଷା ବ୍ୟବସ୍ଥାର ବିଭିନ୍ନ ସ୍ତର ନିମନ୍ତେ ଶିକ୍ଷକର ଆବଶ୍ୟକୀୟ ଯୋଗ୍ୟତା ଭିନ୍ନ ଭିନ୍ନ ହୋଇଥାଏ।

ପ୍ରତିଟି କାର୍ଯ୍ୟନିମନ୍ତେ କେତେକ ଆବଶ୍ୟକତା ରହିଛି। ଏଥିରେ ଅନ୍ତର୍ଭୁକ୍ତ ଅଟନ୍ତି:

କ) ବୟସ ସୀମା

ଖ) ପୁରୁଷ ବା ମହିଳା

ଗ) ନାଗରିକତା
ଘ) ଶାରୀରିକ ଦକ୍ଷତା (ବିଶେଷତଃ ସାମରୀକ ବାହିନୀ ନିମନ୍ତେ)
ଙ) ବ୍ୟକ୍ତିତ୍ୱ
ଚ) ଶିକ୍ଷା ଏବଂ ପ୍ରଶିକ୍ଷଣ
ଛ) ଅଭିଜ୍ଞତା
ଜ) ଆଇନ୍‌ଗତ
ଝ) କ୍ଷମତାପ୍ରାପ୍ତିର ଅନୁମତି ପତ୍ର (ଲାଇସେନ୍‌ସ)

ଉପରେ ଦର୍ଶାଯାଇଥିବା ଆବଶ୍ୟକତା ଗୁଡ଼ିକ ସମସ୍ତ କାର୍ଯ୍ୟ ନିମନ୍ତେ ସମାନ ହୋଇନପାରେ। ଉଦାହରଣ ସ୍ୱରୂପ, ସେନାବାହିନୀ ନିମନ୍ତେ ଶାରୀରିକ ଦକ୍ଷତାପରି ଆବଶ୍ୟକତା ଉପରେ ଅଧିକ ଗୁରୁତ୍ୱ ଦିଆଯିବ, କିନ୍ତୁ ବିକ୍ରୟକାରୀ ଭାବେ କାର୍ଯ୍ୟ ନିମନ୍ତେ ଏହାର କୌଣସି ଗୁରୁତ୍ୱ ନାହିଁ। ଏପରିକି ଆମ ଦେଶର ବିଭିନ୍ନ ରାଜ୍ୟମାନଙ୍କରେ ଶାରୀରିକ ଆବଶ୍ୟକତାରେ ମଧ୍ୟ ଭିନ୍ନତା ରହିଛି।

**କାର୍ଯ୍ୟକ୍ରମ-୧**

ଗୋଟିଏ କାର୍ଯ୍ୟ ନିମନ୍ତେ ଆବଶ୍ୟକତା

ନିମ୍ନୋକ୍ତ କାର୍ଯ୍ୟମାନଙ୍କ ଲାଗି ଆବଶ୍ୟକ ଶାରୀରିକ ଦକ୍ଷତାର ତାଲିକାଟିଏ ପ୍ରସ୍ତୁତ କର ଏବଂ ତୁମ ଉତ୍ତର ନିମନ୍ତେ ଯଥାର୍ଥ କାରଣ ଦର୍ଶାଅ:

କ) ସେନା    ଖ) ଶିକ୍ଷକ    ଗ) ଡାକ୍ତର    ଘ) ବିକ୍ରୟକାରୀ

ଙ) କ୍ରୀଡ଼ା ଶିକ୍ଷକ    ଚ) କୃଷକ    ଛ) ଓକିଲ

ଏକ ବୃତ୍ତିର ମନୋନୟନର ଅଭିପ୍ରାୟ ପୂରଣ କରିବାକୁ ହେଲେ ଶିକ୍ଷାଗତ ଏବଂ ବୃତ୍ତିଗତ ଯୋଜନା ଉପରେ ନିର୍ଭର କରିବାକୁ ହେବ। ଯୋଜନାର ଗୁରୁତ୍ୱକୁ ଅଣଦେଖା କରାଯାଇପାରିବ ନାହିଁ। ପ୍ରଥମେ ନିଜର ଶିକ୍ଷା ସମ୍ବନ୍ଧୀୟ ଯୋଜନା ପ୍ରସ୍ତୁତ କରିବା ପ୍ରତ୍ୟେକଙ୍କ ନିମନ୍ତେ ଜରୁରୀ। ଆମେ ଜାଣୁ ଯେ ସାଧାରଣ ଶିକ୍ଷାର ଲକ୍ଷ୍ୟ ହେଉଛି ସମାଜର ଉପଯୁକ୍ତ ପରିଚାଳନା ନିମନ୍ତେ ଯେଉଁ ସମସ୍ତ କାର୍ଯ୍ୟ ସଂପାଦନ କରାଯାଉଛି ସେଥିନିମନ୍ତେ ସମ୍ମାନ ଓ ସକରାତ୍ମକ ମନୋବୃତ୍ତିର ବିକାଶ ସାଧନ କରିବା। ପ୍ରାଥମିକ ସ୍ତରଠାରୁ ଆରମ୍ଭକରି ମହାବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷାବ୍ୟବସ୍ଥାକୁ ସାଧାରଣ ଶିକ୍ଷା କୁହାଯାଏ। ଏହାର ପ୍ରାଥମିକ, ମାଧ୍ୟମିକ, ଉଚ୍ଚମାଧ୍ୟମିକ ସଦୃଶ ବିଭିନ୍ନ ପର୍ଯ୍ୟାୟ ରହିଛି।

**କାର୍ଯ୍ୟକ୍ରମ-୨**

ଯୋଜନା ପ୍ରସ୍ତୁତି

ଆମେ ଆମର ଦୈନନ୍ଦିନ କାର୍ଯ୍ୟମାନଙ୍କର ଯୋଜନା ପ୍ରସ୍ତୁତ କରିଥାଏ। ମନେକର, ତୁମେ ତୁମ ବନ୍ଧୁମାନଙ୍କ ସହିତ ବଣଭୋଜ କରିବା ପାଇଁ ଚାହୁଁଛ। ତୁମ ଦଳର ସଦସ୍ୟଙ୍କ ମଧ୍ୟରେ କିପରି କାର୍ଯ୍ୟ ବଣ୍ଟନ କରିବ ତାହା କଳ୍ପନା କରିପାରୁଛ କି? ଆମୋଦ ଦାୟକ ବଣଭୋଜିକୁ ଉପଭୋଗ କରିବାକୁ ହେଲେ କାର୍ଯ୍ୟ ବଣ୍ଟନ କରିବା ଦରକାର, ଅବଶ୍ୟ ଗୋଟିଏ ଦିନ ପାଇଁ। ଉପଯୁକ୍ତ ଯୋଜନା ବିନା ତୁମେ ତୁମର ଶିକ୍ଷା ଓ ବୃତ୍ତି କ୍ଷେତ୍ରରେ ସଫଳତା ଲାଭ କରିପାରିବ ବୋଲି ଭାବିପାରୁଛ କି? ତୁମ ସମ୍ମୁଖରେ ଏହା ଏକ ବଡ଼ ପ୍ରଶ୍ନ, ଏ ବିଷୟରେ ତୁମେ ଗଭୀରଭାବେ ଚିନ୍ତାକରିବା ଆବଶ୍ୟକ।

## ୨୧.୬ ବୃତ୍ତିଗତ ଚୟନ: ନୂତନ ଆଭିମୁଖ୍ୟ

ଶିକ୍ଷାଗତ ଓ ବୃତ୍ତିଗତ ଯୋଜନା ପ୍ରସ୍ତୁତିପରେ ଜଣେ ବୃତ୍ତିଗତ ଚୟନ ଦିଗରେ ଅଗ୍ରସର ହେବା ଉଚିତ୍। ଉପର ପାଠ୍ୟାଂଶରେ ଚୟନ ନିମନ୍ତେ ଆବଶ୍ୟକ ଯୋଜନାର ଗୁରୁତ୍ୱ ତୁମେ ଉପଲବ୍ଧ କରିଛ। ଏହା ସହିତ ତୁମର

## ବୃତ୍ତିଗତ ଭୂମିକା ନିମନ୍ତେ ପ୍ରସ୍ତୁତି

ବୃତ୍ତି ଚୟନ କ୍ଷେତ୍ରରେ ଅଭିବୃତ୍ତି (ସହଜାତ ଦକ୍ଷତା), ରୁଚି ବା ଆଗ୍ରହ ଏବଂ ବ୍ୟକ୍ତିତ୍ୱର ଗୁଣାବଳୀର ମଧ୍ୟ ପ୍ରାଧାନ୍ୟତା ରହିଛି। କୌଣସି ବସ୍ତୁ, ଅନୁଷ୍ଠାନ, କାର୍ଯ୍ୟ ଇତ୍ୟାଦି ସମ୍ବନ୍ଧରେ ବ୍ୟକ୍ତିର ପସନ୍ଦ ଓ ନାପସନ୍ଦକୁ ରୁଚି ବା ଆଗ୍ରହ କୁହାଯାଏ। ବୃତ୍ତିର ଚୟନ ନିମନ୍ତେ ଜଣଙ୍କର ବୃତ୍ତିପାଇଁ ଆଗ୍ରହ ଜାଣିବା ଦରକାର। ବ୍ୟକ୍ତିର ଅଭିବୃତ୍ତି ଓ ବ୍ୟକ୍ତିତ୍ୱକୁ ମଧ୍ୟ ଜାଣିବା ଜରୁରୀ। ବୃତ୍ତିଗତ ଚୟନ କରିବା ପୂର୍ବରୁ ଦକ୍ଷତା, ଆଗ୍ରହ ଓ ବ୍ୟକ୍ତିତ୍ୱର ଗୁଣାବଳୀ ମଧ୍ୟରେ ଥିବା ସହସମ୍ବନ୍ଧ ବିଷୟରେ ଜାଣିବା ବିଧେୟ। ଜଣଙ୍କର ଆଗ୍ରହକୁ ଚିହ୍ନଟ କରିବା କ୍ଷେତ୍ରରେ ସହାୟତା ପ୍ରଦାନ କଲାପରି ଅନେକ ପରିମାପକ ମନୋବୈଜ୍ଞାନିକ ମାନଙ୍କ ଦ୍ୱାରା ବିକଶିତ କରାଯାଇଛି। ତୁମର ଆଗ୍ରହ ସମ୍ବନ୍ଧରେ ଏକ ସ୍ୱଷ୍ଟ ଚିତ୍ର ପ୍ରଦାନ କରିବାରେ ଜଣେ ପରାମର୍ଶଦାତା ସାହାଯ୍ୟ କରିପାରନ୍ତି। ସେ ମଧ୍ୟ ଦକ୍ଷତାର ସହକାରେ ତୁମ ବ୍ୟକ୍ତିତ୍ୱର ଗୁଣାବଳୀ ଓ ଅଭିରୁଚି ସମ୍ପର୍କରେ ସୂଚନା ଦେଇପାରିବେ। କାର୍ଯ୍ୟଟି ନିମନ୍ତେ ଆବଶ୍ୟକ ହେଉଥିବା ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ବିଷୟରେ ତୁମେ ଅବଗତ ହେବା ଉଚିତ୍। ତୁମର ଆଗ୍ରହର କ୍ଷେତ୍ର, ଅଭିବୃତ୍ତି ଏବଂ ବ୍ୟକ୍ତିତ୍ୱର ଗୁଣାବଳୀକୁ ଜାଣିବା ପରେ ତୁମେ ଏକ ବୁଦ୍ଧିମନ୍ତ ବୃତ୍ତିଗତ ଚୟନ ନିମନ୍ତେ ନିଜକୁ ପ୍ରସ୍ତୁତ କରିପାରିବା କିନ୍ତୁ ଏହା ମନେରଖିବାକୁ ହେବ ଯେ ସମୟ ସହିତ ତାଳଦେଇ ଆଗ୍ରହ, ଦକ୍ଷତା ଏବଂ ବ୍ୟକ୍ତିତ୍ୱର ଗୁଣାବଳୀ ମଧ୍ୟ ପରିବର୍ତ୍ତନ ହୋଇଥାନ୍ତି। ଏଣୁ ଯଦି ଜଣେ ତା'ର ପ୍ରଥମ ପସନ୍ଦକୁ ହାସଲ କରିପାରୁ ନାହିଁ ତେବେ ଏକ ବିକଳ୍ପ ପସନ୍ଦକୁ ପାଇବା ଲାଗି ଚେଷ୍ଟାକରିବା ଉଚିତ୍।

## ପାଠ୍ୟଭୁକ୍ତ ପ୍ରଶ୍ନ ୨୧.୩

୧. ଏକ ଜୀବିକା ସମ୍ବନ୍ଧରେ ନିଷ୍ପତ୍ତି ଗ୍ରହଣ କରିବା ସମୟରେ କେଉଁ ଆବଶ୍ୟକୀୟ ଦିଗ ଗୁଡ଼ିକୁ ମନରେ ରଖି ଅଗ୍ରସର ହେବା ସେଗୁଡ଼ିକୁ ଚିହ୍ନଟ କର।

---

## ୨୧.୭ ଜୀବିକା ମନୋନୟନ: ଏହାର ସମସ୍ୟା ଓ ଅଗ୍ରଗତି

ବର୍ତ୍ତମାନ ଆମେ ଜୀବିକା ମନୋନୟନ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଆଲୋଚନା କରିବା। ଜଣକ ଜୀବନରେ ଏହା ଏକ ଗୁରୁତ୍ୱପୂର୍ଣ୍ଣକାର୍ଯ୍ୟ।

ଜୀବିକାର ଶତାଧିକ ବିକଳ୍ପ ରହିଛି। ଏଣୁ ତୁମେ ଯେତେବେଳେ ଏକ ଜୀବିକାର ମନୋନୟନ କିପରି କରାଯାଏ ତାହା ଜାଣ ନାହିଁ ତେବେ କ'ଣ କରିବ ? ଏହା ଏକ କଠିନ କାର୍ଯ୍ୟ ବୋଲି ମନେ ହୁଏ କି ? ଯଦି ହଁ, ତାହା ହେଲେ ଏକ ସିଦ୍ଧାନ୍ତରେ ଉପନୀତ ହେବା ଲାଗି କିଛି ସମୟ ଓ ପ୍ରୟାସର ପ୍ରୟୋଜନ ରହିଛି। ଏକ ଉତ୍ତମ ଜୀବିକାର ମନୋନୟନ କରିବାକୁ ହେଲେ ନିମ୍ନୋକ୍ତ ସୋପାନ ଗୁଡ଼ିକ ବିଷୟରେ ବୁଝିବା ଦରକାର:

୧. **ନିଜର ମୂଲ୍ୟାୟନ କର:** ଏକ ଜୀବିକାର ଚୟନ କରିବା ପୂର୍ବରୁ ତୁମେ ନିଜ ସମ୍ବନ୍ଧରେ ଜାଣିବା ଆବଶ୍ୟକ। ଅର୍ଥାତ୍, ନିଜର ମୂଲ୍ୟବୋଧ, ରୁଚି ଓ ଦକ୍ଷତା ସହିତ ବ୍ୟକ୍ତିତ୍ୱର ନିର୍ଦ୍ଦିଷ୍ଟ ଗୁଣାବଳୀ ସମ୍ପର୍କରେ ସଚେତନ ହେବାକୁ ପଡ଼ିବ। କେତେକ ଜୀବିକା ବିଶେଷକରି ତୁମ ନିମନ୍ତେ ଉପଯୁକ୍ତ ହୋଇପାରେ। ଏହା ନିର୍ଣ୍ଣୟ କରିବା ନିମନ୍ତେ ଜୀବିକା ପରୀକ୍ଷଣ ପରି ଆତ୍ମ ମୂଲ୍ୟାୟନ ଉପକରଣର ପ୍ରୟୋଗ ଜୀବିକା ପରାମର୍ଶଦାତା ସାହାଯ୍ୟନେଇ କରାଯାଇପାରେ।

୨. **ବିଭିନ୍ନ ପେଶାଗୁଡ଼ିକର ତାଲିକା ପ୍ରସ୍ତୁତ କର:** ସହସ୍ରାଧିକ ପେଶାରହିଛି ସତ କିନ୍ତୁ ଅଳ୍ପକେତେକ ତୁମ ନିମନ୍ତେ ପ୍ରକୃଷ୍ଟ ହୋଇପାରେ। ଏଥିମଧ୍ୟରୁ ପାଞ୍ଚରୁ ଦଶଗୋଟିକୁ ନେଇ ଏକ କ୍ଷୁଦ୍ରତାଲିକା ପ୍ରସ୍ତୁତ କର। ଯେଉଁଗୁଡ଼ିକ ନିମନ୍ତେ ତୁମେ ଆଗ୍ରହୀ ସେଗୁଡ଼ିକୁ ଚିହ୍ନିତ କର। ସେଗୁଡ଼ିକ ବିଷୟରେ ଚିନ୍ତା କର ଏବଂ ଅନ୍ୟ ଏକ ପୃଷ୍ଠାରେ ଏହି ପେଶାଗୁଡ଼ିକୁ ଲେଖିରଖ ଏବଂ ଏହାର ଶିରୋନାମା 'ପେଶାର ଅନ୍ୱେଷଣ' ବୋଲି ରଖ।

୩. **ତୁମ ପେଶାଗତ ତାଲିକାକୁ ସଂକ୍ଷିପ୍ତ କର:** ତାଲିକାରେ ଲେଖିଥିବା ବିଭିନ୍ନ ପେଶାଗୁଡ଼ିକ ମଧ୍ୟରୁ ବାଛି ଦୁଇ ବା ତିନୋଟି ଭିତରେ ସୀମିତ ରଖ। ବର୍ତ୍ତମାନ, କାର୍ଯ୍ୟର ବିଭିନ୍ନ ଦିଗଗୁଡ଼ିକ ସହିତ ଆବଶ୍ୟକ

ଶିକ୍ଷାଗତ ଯୋଗ୍ୟତା ସଂପର୍କରେ ପରିଚିତି ଲାଭ କର । ଏଥି ନିମନ୍ତେ ଅନ୍ୟାନ୍ୟ ଆବଶ୍ୟକତା, ପଦୋନ୍ନତିର ସୁଯୋଗ ଓ ଆୟ, ଭୌଗଳିକ ଅଞ୍ଚଳ, କାର୍ଯ୍ୟରେ ଥିବା ବିପତ୍ତି ଇତ୍ୟାଦି ବିଷୟରେ ବିଚାର କରିବା ମଧ୍ୟ ପ୍ରୟୋଜନ ।

୪. **ତୁମ ଲକ୍ଷ୍ୟ ସ୍ଥିରକର:** ବର୍ତ୍ତମାନ ଆଶାକରାଯାଏ ଯେ ତୁମେ ଏକ ନିର୍ଦ୍ଦିଷ୍ଟ ପେଶା ଗ୍ରହଣ କରିବାକୁ ନିଷ୍ପତ୍ତି ଗ୍ରହଣ କରିଛ । ଏହାକୁ ଭିତ୍ତିକରି ଏକ ଯୋଜନା ପ୍ରସ୍ତୁତ କରିବାର ସମୟ ଆସିଛି । ଏଥିରେ କିଛି ଲକ୍ଷ୍ୟ ନିର୍ଦ୍ଧାରଣର ପ୍ରୟୋଜନ ଥାଏ ।

୫. **ଯୋଜନାକୁ କାର୍ଯ୍ୟକାରୀ କରିବାର ପନ୍ଥା ପ୍ରସ୍ତୁତ କର:** ଲକ୍ଷ୍ୟ ସ୍ଥିର କରିବାପରେ ଏହାକୁ କିପରି ହାସଲ କରାଯାଇପାରିବ, ସେ ବିଷୟରେ ତୁମେ ନିଷ୍ପତ୍ତି ନିଅ । ତୁମର ଦୀର୍ଘସୂତ୍ରୀ ଏବଂ ସଂକ୍ଷିପ୍ତସୂତ୍ରୀ ଲକ୍ଷ୍ୟମାନଙ୍କୁ ତୁମେ ଅନୁସରଣ କରିବା ସମୟରେ ଜୀବିକା ସମ୍ପର୍କୀତ ଏକ କାର୍ଯ୍ୟପନ୍ଥା ତୁମର ମାର୍ଗଦର୍ଶନ କରିପାରେ । ଲକ୍ଷ୍ୟକୁ ଦୃଷ୍ଟିରେ ରଖି ଲକ୍ଷ୍ୟକୁ ହାସଲ କରିବା ନିମନ୍ତେ କଠିନ ଉଦ୍ୟମ କର ।

ଜୀବିକା ଚୟନ ସମ୍ପର୍କରେ କେତେକ ଅମୂଳକ ଧାରଣା ରହିଛି । ତେଣୁ ଜୀବିକାର ଚୟନ କରିବା ସମୟରେ ସର୍ବଦା ତୁମେ ଏଥିରୁ ନିବୃତ୍ତ ରହିବା ଉଚିତ୍ ଏବଂ ସେଗୁଡ଼ିକ ପ୍ରତି ସଚେତନ ରହିବା ମଧ୍ୟ ଆବଶ୍ୟକ । ଏହି ଅମୂଳକ ଧାରଣାଗୁଡ଼ିକ ହେଉଛନ୍ତି:

୧. ଏକ ଜୀବିକାର ମନୋନୟନ ଅତ୍ୟନ୍ତ ସହଜ କାର୍ଯ୍ୟ ।
୨. ଜଣେ ଜୀବିକା ପରାମର୍ଶଦାତା କେଉଁ ଜୀବିକାକୁ ଚୟନ କରାଯିବ ତାହା ସେ କହିଦେଇ ପାରିବେ ।
୩. ମୋର ଅଭିରୁଚିରୁ ପ୍ରାପ୍ତ ରୋଜଗାର ଉପରେ ନିର୍ଭର କରି ମୁଁ ଚଳିପାରିବିନି ।
୪. ବିପୁଳ ଅର୍ଥ ଉପାର୍ଜନ ହିଁ ମୋତେ ଖୁସୀ ଦେବ ।
୫. ଗୋଟିଏ ପେଶା ଥରେ ମନୋନୟନ କରିବାପରେ ମୁଁ ସବୁଦିନ ପାଇଁ ଏଥିରେ ସଲଗ୍ନ ରହିବି ।
୬. ମୁଁ ଯଦି ମୋର ଜୀବିକାକୁ ପରିବର୍ତ୍ତନ କରେ ମୋର କାର୍ଯ୍ୟ ଦକ୍ଷତା ବୃଥା ଯିବ ।
୭. ଯଦି ମୋର ଘନିଷ୍ଠ ବନ୍ଧୁ ବା ସଂପର୍କୀୟମାନେ ଖୁସୀ ତେବେ ମୁଁ ମଧ୍ୟ ଖୁସୀ ।
୮. ଗୋଟିଏ ପେଶାକୁ ଚୟନ କରିଦେଲେ ସବୁହେଲା ।
୯. ଗୋଟିଏ ପେଶା ସମ୍ବନ୍ଧରେ ପ୍ରକୃତରେ ଅଧିକ ଚିନ୍ତା ନକରି ଅଳ୍ପରେ ତା' ବିଷୟରେ ଅବଗତ ହେଲେ ଚଳିବ ।

## ପାଠ୍ୟଭୁକ୍ତ ପ୍ରଶ୍ନ ୨୧.୪

୧. ଏକ ଉତ୍ତମ ଜୀବିକା ମନୋନୟନ କରିବା ନିମନ୍ତେ ଆବଶ୍ୟକ ସୋପାନମାନଙ୍କର ତାଲିକା ପ୍ରସ୍ତୁତ କର

## ତୁମେ କ'ଣ ଶିଖିଲ

- ଏକ ଜୀବିକା ନିମନ୍ତେ ଉପଯୁକ୍ତ ଶିକ୍ଷାର ମନୋନୟନ ହେଉଛି ଏକ ପ୍ରକ୍ରିୟା ।
- ଶିକ୍ଷାର୍ଥୀମାନେ ଯେଉଁ ପେଶାରେ ପ୍ରବେଶ କରିବାକୁ ପ୍ରସ୍ତୁତ ହେଉଛନ୍ତି ସେହି ପେଶାପାଇଁ ଆବଶ୍ୟକ ସ୍ୱତନ୍ତ୍ର ପ୍ରଶିକ୍ଷଣ ସେମାନଙ୍କ ପାଇଁ ଉପଯୋଗୀ ହେବ ।
- ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ଯୋଜନା ହିଁ ଗୁରୁତ୍ୱପୂର୍ଣ୍ଣ ।
- ଅତ୍ୟନ୍ତ ଯତ୍ନସହକାରେ ବୃତ୍ତିଗତ ଯୋଜନା ପ୍ରସ୍ତୁତ କରାଯିବା ଉଚିତ୍ ।
- ନିଜର ସାମର୍ଥ୍ୟ ଓ ବ୍ୟକ୍ତିତ୍ୱର ଗୁଣାବଳୀକୁ ଦୃଷ୍ଟିରେ ରଖି ଜୀବିକାର ମନୋନୟନ କର ।
- ଜଣକ ଜୀବନରେ ଜୀବିକାର ଗଠନ ପ୍ରଣାଳୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ।

## ବୃତ୍ତିଗତ ଭୂମିକା ନିମନ୍ତେ ପ୍ରସ୍ତୁତି

- ମାର୍ଗଦର୍ଶନ ଓ ମନୋବୈଜ୍ଞାନିକ ପରୀକ୍ଷଣ ସାହାଯ୍ୟରେ ପରାମର୍ଶଦାତା ଏକ ବୁଦ୍ଧିମନ୍ତ ଜୀବିକା ଚୟନ କରିବାରେ ତୁମର ସହାୟତା କରିପାରିବେ।

## ଅନ୍ତିମ ପ୍ରଶ୍ନାବଳୀ

୧. ଜୀବିକା ଚୟନ କ୍ଷେତ୍ରରେ ପ୍ରଥମ ସୋପାନଟି କ'ଣ ?

୨. ଜୀବିକାର ଯୋଜନା ପ୍ରସ୍ତୁତିର ଗୁରୁତ୍ୱକୁ ବ୍ୟାଖ୍ୟା କର।

୩. ଜୀବିକା, ବୃତ୍ତି ଏବଂ ପେଶା ମଧ୍ୟରେ ପାର୍ଥକ୍ୟ ଦର୍ଶାଅ।

୪. ଜୀବିକା ମନୋନୟନ ସମ୍ବନ୍ଧରେ ଥିବା ବିଭିନ୍ନ ଅମୂଳକ ଧାରଣା ଗୁଡ଼ିକ କ'ଣ ?

## ପାଠ୍ୟଭୁକ୍ତ ପ୍ରଶ୍ନାବଳୀର ଉତ୍ତର ମାଳା

**୨୧.୧**

୧. ସାଧାରଣ ଶିକ୍ଷା ଏବଂ ସ୍ୱତନ୍ତ୍ର ତାଲିମ

**୨୧.୨**

୧. ବିଭିନ୍ନ ପେଶାଲାଗି ସ୍ୱତନ୍ତ୍ରଧରଣର ପ୍ରଶିକ୍ଷଣର ଆବଶ୍ୟକତା ରହିଛି।

**୨୧.୩**

୧. ଅଭିବୃତ୍ତି, ଆଗ୍ରହର ପ୍ରକାର, ବ୍ୟକ୍ତିତ୍ୱ

**୨୧.୪**

୧. ନିଜର ମୂଲ୍ୟାୟନ କର, ବିଭିନ୍ନ ପେଶାର ଏକ ତାଲିକା ପ୍ରସ୍ତୁତ କର। ତାଲିକାଟିକୁ ସଂକ୍ଷିପ୍ତ କର। ଲକ୍ଷ୍ୟମାନ ସ୍ଥିରକର। ଯୋଜନା କାର୍ଯ୍ୟକାରୀ ପନ୍ଥା ପ୍ରସ୍ତୁତ କର।

### ଅନ୍ତିମ ପ୍ରଶ୍ନାବଳୀ ନିମନ୍ତେ ସହାୟକ ସୂଚନା

୧. ଭାଗ ୨୧.୨ର ସହାୟତା ନିଅ।

୨. ଭାଗ ୨୧.୨ର ସହାୟତା ନିଅ।

୩. ଭାଗ ୨୧.୪ର ସହାୟତା ନିଅ।

୪. ଭାଗ ୨୧.୭ର ସହାୟତା ନିଅ।

## କାର୍ଯ୍ୟଧାରା -ଆପଣ ନିଜର ଆଗ୍ରହର କ୍ଷେତ୍ର ଚିହ୍ନଟ କରନ୍ତୁ

ପରପୃଷ୍ଠାର ଚିତ୍ରରେ ଦଶଟି ବହୁ-ଅଭିଳଷିତ ବୃତ୍ତିର ତାଲିକା ଦିଆଯାଇଛି। ଆପଣ ଏହି ବୃତ୍ତିଗୁଡ଼ିକ ପାଇଁ ନିଜର ପସନ୍ଦର ସ୍ତର ଉଲ୍ଲେଖ କରନ୍ତୁ। ଦୁଇଟି ଲେଖାଏଁ ବୃତ୍ତି ବା ଜୀବିକା ଏକତ୍ର ଦିଆଯାଇଛି। ତୁଳନା କରିବା ପାଇଁ ଧରିନିଅନ୍ତୁ ଯେ ଏହି ଦୁଇଟି ମଧ୍ୟରେ ଆୟ କିମ୍ବା ସମ୍ମାନର ପାର୍ଥକ୍ୟ ନାହିଁ। ପ୍ରତିଟି ଛୋଟ ବାକ୍ସରେ ଦୁଇଟି ବୃତ୍ତି ଲେଖଯାଇଛି। ଏହି ଦୁଇଟିକୁ ତୁଳନା କରନ୍ତୁ ଏବଂ ଆପଣଙ୍କ ପସନ୍ଦ ଅନୁସାରେ ଏହି ଯୁଗ୍ମ ଜୀବିକାରୁ ପ୍ରତିଟି ପାଇଁ ୦ ରୁ ୪ ପର୍ଯ୍ୟନ୍ତ ଫଳାଙ୍କ ସୂଚିତ କରନ୍ତୁ।

ଉଦାହରଣ ସ୍ୱରୂପ, ଆପଣ 'ଖ' ତୁଳନାରରେ 'କ' ଜୀବିକାଟିକୁ ପସନ୍ଦ କରିପାରନ୍ତି ସେପରି ହୋଇଥିଲେ ଆପଣ 'କ' ପାଇଁ ୩ ଏବଂ 'ଖ' ପାଇଁ ୧ ଦେଇପାରନ୍ତି। ଆପଣ ଦୁଇଟିଯାକ ଜୀବିକା ସମାନ ପରିମାଣରେ ପସନ୍ଦ କରୁଥିଲେ ପ୍ରତିଟି ୩ ଦିଅନ୍ତୁ। ଅନ୍ୟ ପକ୍ଷରେ ଗୋଟିଏ ଜୀବିକାକୁ ଖୁବ୍ ପସନ୍ଦ କରୁଥିଲେ ଏବଂ ଅନ୍ୟଟିକୁ ନାପସନ୍ଦ କରୁଥିଲେ ଆପଣ ଯଥାକ୍ରମେ ୪ ଓ ୦ ଦେଇପାରନ୍ତି। ଆପଣ ଦୁଇଟିଯାକ ଜୀବିକା ନାପସନ୍ଦ କରୁଥିଲେ ପ୍ରତିଟିକୁ ୦ ଦିଅନ୍ତୁ। ଏହିପରି ଭାବରେ ଆପଣ ପ୍ରତି ବାକ୍ସରେ ସର୍ବନିମ୍ନ ୦ ଏବଂ ସର୍ବୋଚ୍ଚ ଫଳାଙ୍କ ୪ ଦେଇ ପାରିବେ। ଆପର ଇଚ୍ଛା କଲେ ପ୍ରତିଟିକୁ ୨ଦେଇ ପାରିବେ। ନିମ୍ନରେ ସୂଚିତ କରାଯାଇଥିବା ପରି ଆପଣ ଚିହ୍ନ ସବୁ ଦିଅନ୍ତୁ।

| | | | | |
|---|---|---|---|---|
| Engineering A<br>Finance B | Military H<br>Business J | Finance B<br>Management E | Admin C<br>Literary G | Admin C<br>Scientific I |
| Finance B<br>Admin. C | Literary G<br>Scientific I | Admin C<br>Artistic F | Finance B<br>Artist F | Finance B<br>Military H |
| Admin C<br>Medical D | Artistic F<br>Military H | Medical D<br>Literary G | Engineering A<br>Management E | Engineering A<br>Literary G |
| Medical D<br>Management E | Management E<br>Literary G | Management E<br>Military H | Engineering A<br>Artistic F | Engineering A<br>Military H |
| Management E<br>Artistic F | Medical D<br>Artistic F | Artistic F<br>Scientist I | Finance B<br>Literary G | Engineering A<br>Scientist I |
| Artistic F<br>Literary G | Admin C<br>Management E | Literary G<br>Business J | Admin C<br>Military H | Finance B<br>Scientist I |
| Literary G<br>Military H | Finance B<br>Medical D | Artistic F<br>Business J | Medical D<br>Scientist I | Admin. C<br>Business J |
| Military H<br>Scientist I | Engineering A<br>Admin. C | Management D<br>Scientist I | Management E<br>Business J | Finance B<br>Business J |
| Scientist I<br>Business J | Engineering A<br>Medical D | Medical D<br>Military H | Medical D<br>Business J | Engineering A<br>Business J |

### ଉଦାହରଣ

| | |
|---|---|
| ଇଞ୍ଜିନିୟରିଂ | (କ) ୩ |
| ଅର୍ଥ କାରବାର ଜୀବିକା | (ଖ) ୧ |

ଉପରେ ସୂଚିତ କରାଯାଇଥିବା ମତେ ଆପଣ ଇଞ୍ଜିନିୟରିଂ ଜୀବିକା 'କ'କୁ ଅର୍ଥ ବିଷୟକ ଜୀବିକା 'ଖ'ଠାରୁ ଅଧିକ ପସନ୍ଦ କରୁଥିବାରୁ ସେହି ଅନୁସାରେ 'କ' ପାଇଁ ୩ ଏବଂ 'ଖ' ପାଇଁ ୧ ସୂଚାଇଛନ୍ତି।

### ଦଶଟି ଉଚ୍ଚ ପସନ୍ଦର ବୃତ୍ତି

(କ) ଇଞ୍ଜିନିୟରିଂ (ରାସାୟନିକ, ଯାନ୍ତ୍ରିକ, ବୈଦ୍ୟୁତିକ, କମ୍ପ୍ୟୁଟର ସମ୍ପର୍କିତ ଇତ୍ୟାଦି)

(ଖ) ଅର୍ଥ ପରିଚାଳନା (ହିସାବ ରକ୍ଷକ, କର ବିଶେଷଜ୍ଞ, ବ୍ୟାଙ୍କ କର୍ମକର୍ତ୍ତା ଇତ୍ୟାଦି)

(ଗ) ପ୍ରଶାସନିକ ସେବା (ପ୍ରଶାସନିକ ପଦାଧିକାରୀ, ଆଇ.ଏ.ଏସ୍, ଆଇ.ଏଫ୍. ଏସ୍, ଆଇ.ପି.ଏସ୍ ଇତ୍ୟାଦି)

(ଘ) ଚିକିତ୍ସା ବିଜ୍ଞାନ (ଡାକ୍ତର, ମନୋଚିକିତ୍ସକ, ଶଲ୍ୟ ଚିକିତ୍ସକ, ନିଦାନ ମନୋବିଜ୍ଞାନୀ)

(ଙ) ପରିଚାଳନା (ବିଭିନ୍ନ ସଂସ୍ଥା, ବିକ୍ରୟ କେନ୍ଦ୍ର ଓ ହୋଟେଲ ଇତ୍ୟାଦିର ପରିଚାଳକ)

(ଚ) କଳାତ୍ମକ ଜୀବିକା (ଚିତ୍ରଶିଳ୍ପୀ, ସଙ୍ଗୀତ ଶିଳ୍ପୀ, ସ୍ଥାପତ୍ୟ ଶିଳ୍ପୀ ଇତ୍ୟାଦି)

(ଛ) ବୁଦ୍ଧିଗତ ଜୀବିକା (ଔପନାସିକ, ଐତିହାସିକ, ଶିକ୍ଷକ, ପ୍ରଫେସର, ସାମ୍ବାଦିକ)

(ଜ) ସାମରିକ ସେବା (ପଦାତିକ, ନୌସେନା, ବାୟୁସେନା)

(ଝ) ବୈଜ୍ଞାନିକ (ପଦାର୍ଥ ବିଜ୍ଞାନୀ, ରସାୟନଶାସ୍ତ୍ର ବିଶେଷଜ୍ଞ, ଜୀବତତ୍ତ୍ୱବିଦ୍, ମନୋବିଜ୍ଞାନୀ ଇତ୍ୟାଦି)

(ଞ) ବ୍ୟବସାୟ (ଶିଳ୍ପପତି, ଗୋମହିଷାଦିର ବ୍ୟବସାୟ, କୃଷି ବ୍ୟବସାୟ)

*ବିଶେଷ ଦ୍ରଷ୍ଟବ୍ୟ:*

ଏଠାରେ ଉଲ୍ଲେଖ କରାଯାଇଥିବା ଜୀବିକାସବୁ ଉଦାହରଣ ରୂପେ ଉଲ୍ଲେଖ କରାଯାଇଛି। ବ୍ୟକ୍ତିର ମାନସିକ ଦୁର୍ବଳତା ବା ଅସୁସ୍ଥତା ନିରୂପଣ କ୍ଷେତ୍ରରେ ଏହାର ପ୍ରୟୋଗ ଅନୁଚିତ।

### ଫଳାଙ୍କ ନିରୂପଣ

ପଇଁଚାଳିଶଟି ବାକ୍ୟରେ ଆପଣ ନିଜର ଅଙ୍କ ସୂଚିତ କରିସାରିବା ପରେ ଆପଣ 'କ', 'ଖ' ଓ 'ଗ' ଇତ୍ୟାଦି ନିମ୍ନରେ ଥିବା ଫଳାଙ୍କ ସବୁକୁ ମିଶାଇ ଦିଅନ୍ତୁ। ଏହି ବର୍ତ୍ତମାନ ସର୍ବୋଚ୍ଚ ଫଳାଙ୍କ ଚିହ୍ନଟ କରନ୍ତୁ। ଯେଉଁ ତିନୋଟିର ସର୍ବୋଚ୍ଚ ଫଳାଙ୍କ ମିଳିଛି ସେହି ତନୋଟିରେ ଆପଣଙ୍କ ଆଗ୍ରହ ଅଧିକ ବୋଲି ବିଚାର କରାଯିବ। ଏହି ଆଗ୍ରହ ସହିତ ଆପଣଙ୍କ ଅଭିବୃତ୍ତି ଅନୁକୂଳ ହୋଇଥିଲେ ଆପଣଙ୍କ ସଫଳତାର ସମ୍ଭାବନା ଖୁବ୍ ବେଶୀ।

# ୨୨

# କର୍ମସଂସ୍ଥାନର ଜଗତ

ଆଜିର ଜଗତରେ ଜଣେ ବ୍ୟକ୍ତି ଏକାକୀ ସମସ୍ତ ଅଭୀଷ୍ଟ ଲକ୍ଷ୍ୟ ହାସଲ କରିପାରେ ନାହିଁ କାରଣ ଯେକୌଣସି କାର୍ଯ୍ୟ ଅନେକ ବ୍ୟକ୍ତିମାନଙ୍କର ଅବଦାନର ଆବଶ୍ୟକ କରିଥାଏ। ଏଣୁ, ଲୋକମାନେ ପ୍ରାୟତଃ ଏକାଠି ହୁଅନ୍ତି ଏବଂ ଏକ ସାଧାରଣ ଲକ୍ଷ୍ୟହାସଲ ନିମନ୍ତେ କାର୍ଯ୍ୟକରନ୍ତି। ଏହି ଉଦ୍ଦେଶ୍ୟ ନିମନ୍ତେ ସମନ୍ୱୟ ଓ ସୁବ୍ୟବସ୍ଥିତ ଆଭିମୁଖ୍ୟର ପ୍ରୟୋଜନ ହୁଏ। ଏତାଦୃଶ୍ୟ ଦଳବଦ୍ଧ ବ୍ୟକ୍ତିମାନଙ୍କୁ ଏକ 'ସହଚାର' ବୋଲି କୁହାଯାଏ। ତୁମେ ଦେଖିଥିବ ଯେ ତୁମ ଅଞ୍ଚଳରେ ଦୁଇ ବା ତତୋଽଧିକ ବ୍ୟକ୍ତି ଏକାଠି ହୋଇଛନ୍ତି ଏବଂ ନିଜର ବ୍ୟବସାୟଟିଏ ଆରମ୍ଭ କରିଛନ୍ତି। ଏହା ଏକ କ୍ଷୁଦ୍ର ସଂଗଠନର ଦୃଷ୍ଟାନ୍ତ, ଯେତେବେଳେ କି ହଜାର ହଜାର କର୍ମଚାରୀ ଥିବା ବଡ଼ ଧରଣର କାରଖାନାମାନେ ବଡ଼ ସଂଗଠନର ଦୃଷ୍ଟାନ୍ତ ଅଟନ୍ତି। ପ୍ରତ୍ୟେକ ସଂଗଠନର ନିଜସ୍ୱ ମାନଦଣ୍ଡ ରହିଛି କାରଣ ଏହା ଏକ ବ୍ୟବସ୍ଥା ରୂପେ କାର୍ଯକରେ। ଏହି ଅଧ୍ୟାୟରେ ସଂଗଠନମାନଙ୍କର ବିଶିଷ୍ଟ ଗୁଣାବଳୀକୁ ତୁମେ ଜାଣିବ, ଏବଂ କର୍ମସଂସ୍ଥାନର ଜଗତ ସହିତ ତୁମକୁ ପରିଚିତ କରିବା ନିମନ୍ତେ ଏହା ସାହାଯ୍ୟ କରିବ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟ ପଢ଼ିବାପରେ ତୁମେ ନିମ୍ନ ବର୍ଣ୍ଣିତ ଦକ୍ଷତା ହାସଲ କରିବ:

- ସଂଗଠନ ଏକ ବ୍ୟବସ୍ଥା ଭାବରେ ବର୍ଣ୍ଣନା କରିବା,
- ସାଂଗଠନିକ ବାତାବରଣର ବାଖ୍ୟା କରିବା, ଏବଂ
- କର୍ମରେ ଉତ୍ପନ୍ନଶୀଳତା ଓ ଉତ୍କର୍ଷତାକୁ ପ୍ରଭାବିତ କରୁଥିବା ଉପାଦାନ ସବୁର ବିଶ୍ଳେଷଣ କରିବା।

## ୨୨.୧ ସଂଗଠନ ଏକ ବ୍ୟବସ୍ଥା

ଏକ ସଂଗଠନ ହେଉଛି ଏକ ସାମାଜିକ ସଂସ୍ଥା ଯାହାକି ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ନିମନ୍ତେ ଗଠନ କରାଯାଏ। ସଂଗଠନକୁ ଆମେ ଭଲ ଭାବରେ ବୁଝିପାରିବା ଯଦି ଆମେ ଏହାକୁ ଏକ ବ୍ୟବସ୍ଥା ରୂପେ ବିବେଚନା କରିବା। ବ୍ୟବସ୍ଥା ଆଭିମୁଖ୍ୟ ସୂଚିତ କରେ ଯେ ସଂଗଠନ ମାନଙ୍କର ସ୍ୱତନ୍ତ୍ର ଗୁଣ ଓ ଦକ୍ଷତା ଥାଏ ଏବଂ ଏମାନଙ୍କର ଉପାଦାନ ଗୁଡ଼ିକ ମଧ୍ୟରେ ପାରସ୍ପରିକ ସଂପର୍କ ଥାଏ। ଗୋଟିଏ ବ୍ୟବସ୍ଥା ଉନ୍ମୁକ୍ତ ବା ଆବଦ୍ଧ ହୋଇପାରେ। ଏକ ଆବଦ୍ଧ ବ୍ୟବସ୍ଥାର ବାହ୍ୟ ଜଗତ ସହିତ କୌଣସି ସଂପର୍କ ନ ଥାଏ। ଆଧୁନିକ ସଂଗଠନ ଗୁଡ଼ିକ ଅଳ୍ପେ ବହୁତେ ଉନ୍ମୁକ୍ତ ଅଟନ୍ତି।

ଏକ ଉନ୍ମୁକ୍ତ ବ୍ୟବସ୍ଥା ବାହ୍ୟଜଗତ ସହିତ ସର୍ବଦା ସଂପର୍କ ରଖେ। ଏହା ଅବିରତ ଭାବେ ପରିବେଶର ଉପାଦାନ ଗ୍ରହଣ, ରୂପାନ୍ତର ଏବଂ ଉତ୍ପାଦନ ଆଦି ଗୁଣ ବିଶିଷ୍ଟ ହୋଇଥାଏ । ସଂଗଠନମାନେ ପରିବେଶରୁ ଉପାଦାନ ଗ୍ରହଣ କରନ୍ତି ଏବଂ ସେଗୁଡ଼ିକ ଉତ୍ପନ୍ନ ଦ୍ରବ୍ୟ ଆକାରରେ ରୂପାନ୍ତରିତ କରନ୍ତି ଯାହାକି ପରିବେଶକୁ





ଯୋଗାଣ କରାଯାଇପାରିବ। ସଂଗଠନ ପରିବେଶ ଠାରୁ ପ୍ରତିପୁଷ୍ଟି ପାଏ ଏବଂ ପରିବେଶର ଆହ୍ୱାନ ଓ ପ୍ରତ୍ୟାଶା ମାନଙ୍କୁ ପୁରଣ କରିବା ନିମନ୍ତେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରେ। ଚାଲ ଆମେ ଏହି ଶବ୍ଦମାନଙ୍କୁ ବିଶଦଭାବରେ ବୁଝିବାକୁ ଯିବା।

**ଆୟାତ ଉପାଦାନ:** ପ୍ରତି ବ୍ୟବସ୍ଥା ପରିବେଶରୁ ନିର୍ଦ୍ଦିଷ୍ଟ ପ୍ରକାରର ଉପାଦାନମାନଙ୍କର ଆୟାତ କରିଥାଏ।ଏହାର ଆକାର ମାନବ ସମ୍ବଳ, ପୁଞ୍ଜି, କାରିଗରୀ କୌଶଳ, କଞ୍ଚାମାଲ ଏବଂ ତଥ୍ୟ ହୋଇପାରେ। ଅଭିଷ୍ଟ ଦ୍ରବ୍ୟର ଉତ୍ପାଦନ ନିମେନ୍ତେ ପରିବେଶରୁ ସଂଗୃହୀତ ଉପାଦାନମାନଙ୍କର ପ୍ରକ୍ରିୟାକରଣ ସଂଗଠନ ଭିତରେ କରାଯାଏ।

**ଉତ୍ପାଦିତ ଦ୍ରବ୍ୟ:** ଉତ୍ପାଦିତ ଦ୍ରବ୍ୟ ଉଭୟ ଇଚ୍ଛାକୃତ କିମ୍ବା ଅନିଚ୍ଛାକୃତ ହୋଇପାରେ। ଉଛାକୃତ ଉତ୍ପାଦକୁ ସାଧାରଣତଃ ଲକ୍ଷ୍ୟ ବୋଲି କୁହାଯାଏ। ଉଦାହରଣ ସ୍ୱରୂପ, ଅଧିକ ଉତ୍ପାଦନଶୀଳତା ହେଉଛି ଏକ ଅଭୀଷ୍ଟ ଲକ୍ଷ୍ୟ। ଦଳର ସଦସ୍ୟମାନଙ୍କ ମଧ୍ୟରେ ଅନୌପଚାରିକ ସଂପର୍କ ଏକ ଅନିଚ୍ଛାକୃତ ଲକ୍ଷ୍ୟ ହୋଇପାରେ। ଯାହା ହେଉନା କାହିଁକି ଏହା ଉଲ୍ଲେଖ କରାଯାଇପାରେ ଯେ ଅନିଚ୍ଛାକୃତ ପରିଣାମଗୁଡ଼ିକ ଅବାଞ୍ଛନୀୟ ନୁହେଁ।

**ପରିବେଶ:** ଗୋଟିଏ ସଂଗଠନକୁ ଏକ ଉନ୍ମୁକ୍ତ ବ୍ୟବସ୍ଥା କୁହାଯାଇପାରେ। କାରଣ ଏହା ବାହ୍ୟ ପରିବେଶ କୁ ପ୍ରଭାବିତ କରିବା ସହିତ ତାହାଦ୍ୱାରା ପ୍ରଭାବିତ ମଧ୍ୟ ହୋଇଥାଏ। ମୂଳ ଉପାଦାନର ଯୋଗାଣ କାରୀମାନେ, ଖାଉଟି ଏବଂ ଅନ୍ୟାନ୍ୟ ସଂଗଠନଗୁଡ଼ିକ ଏକ ବ୍ୟବସ୍ଥାର ବାହ୍ୟ ପରିବେଶକୁ ଗଠନ କରିଥାନ୍ତି। ପ୍ରତିପୁଷ୍ଟି ପ୍ରକ୍ରିୟା ମାଧ୍ୟମରେ ବ୍ୟବସ୍ଥାଟି ବାହ୍ୟ ପରିବେଶ ସହିତ ସଂଯୁକ୍ତ ହୋଇଥାଏ।

**କାର୍ଯ୍ୟ -୧**

**ସଂଗଠନ ସମ୍ପନ୍ଧରେ ଶିକ୍ଷା କରିବା**

*ତୁମେ ବାସ କରୁଥିବା ଅଞ୍ଚଳରେ ଗୋଟିଏ ସଂଗଠନକୁ ଚିହ୍ନଟ କର ଏବଂ ସେହି ସଂଗଠନ ସହିତ ସଂପୃକ୍ତ ଆୟାତ ଉପାଦାନ, ଉତ୍ପାଦିତ ଦ୍ରବ୍ୟ ଓ ପରିବେଶର ପ୍ରକାରକୁ ବର୍ଣ୍ଣନା କର।*

ଏଣୁ ଏହା ସ୍ପଷ୍ଟ ଯେ ସଂଗଠନଗୁଡ଼ିକ ଶୂନ୍ୟରେ ସ୍ଥାପିତ ହୁଏ ନାହିଁ। ବୃହତ୍ତର ସମାଜର ଅଂଶଭାବେ ସାମାଜିକ ପ୍ରତିଷ୍ଠାନମାନେ କାର୍ଯ୍ୟକରନ୍ତି। ସଂଗଠନ ଓ ବ୍ୟକ୍ତି ଉଭୟଙ୍କ ମଧ୍ୟରେ ଏକ ପାରସ୍ପରିକ ସଂପର୍କ ରହିଅଛି। ଉଦାହରଣ ସ୍ୱରୂପ, ସଂଗଠନର ପ୍ରକୃତି ଏବଂ ବୈଷୟିକ ଜ୍ଞାନ ଆଦି ସମସ୍ତେ ସମାଜକୁ ପରିବର୍ତ୍ତନ କରିଛନ୍ତି। କମ୍ପୁଟର, ଇଣ୍ଟରନେଟ, ମୋବାଇଲ୍ ଏବଂ ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣ ସଦୃଶ ଆଧୁନିକ ସୁବିଧାସହିତ ଆମେ ଅଭ୍ୟସ୍ତ ହୋଇଛେ। ତେଣୁ ଆଧୁନିକ ବୈଷୟିକ ଜ୍ଞାନ ଆମ ଜୀବନ ଶୈଳୀକୁ ବହୁ ଭାବରେ ପରିବର୍ତ୍ତନ କରିଛି। ଅତୀତରେ ଭାରତ ମୁଖ୍ୟତଃ ଏକ କୃଷି ପ୍ରଧାନ ସମାଜ ଥିଲା, କିନ୍ତୁ ସମସ୍ତ କ୍ଷେତ୍ରରେ ପ୍ରଗତି ସହ ଏହା ଏକ ଶିଳ୍ପଗତ ଜୀବନ ଶୈଳୀ ଦିଗରେ ଅଗ୍ରସର ହେଉଛି। ଏହି ପରିବର୍ତ୍ତନ ସହିତ ଲୋକମାନଙ୍କର ମନୋଭାବ ଓ ମୂଲ୍ୟବୋଧରେ ମଧ୍ୟ ଏକ ପରିବର୍ତ୍ତନ ଆସିଛି। ପ୍ରତିଯୋଗିତା ଏବଂ ଉପଭୋକ୍ତାବାଦ ବିର୍ଦ୍ଧିଷ୍ଣୁ ବଜାର ଅର୍ଥନୀତି ପରିପ୍ରେକ୍ଷୀରେ ଗୁରୁତ୍ୱପୂର୍ଣ ହୋଇଚାଲିଛି।

## ସଂଗଠନର ଉପପ୍ରଣାଳୀ

ସଂଗଠନମାନଙ୍କର ପ୍ରାୟତଃ କେତେଗୋଟି ଅଂଶ ବା ପ୍ରଣାଳୀ ରହିଛି। ମୁଖ୍ୟ ଉପପ୍ରଣାଳୀ ମାନଙ୍କୁ ନିମ୍ନରେ ବର୍ଣ୍ଣନା କରାଯାଉଛି:

୧. **ଆଭିମୁଖ୍ୟ ଉପପ୍ରଣାଳୀ:** ସଂଗଠନର ସାଧାରଣ ଲକ୍ଷ୍ୟ ଓ ଉଦ୍ଦେଶ୍ୟମାନଙ୍କୁ ଏବଂ ସଂଗଠନର ବିଭିନ୍ନ ବିଭାଗ ଓ ବ୍ୟକ୍ତିବିଶେଷମାନଙ୍କର ସ୍ୱତନ୍ତ୍ର ଲକ୍ଷ୍ୟମାନଙ୍କୁ ନେଇ ଏହା ଗଠିତ।

୨. **ବୈଷୟିକ ଉପପ୍ରଣାଳୀ:** ସଂଗଠନରେ କାର୍ଯ୍ୟକରୁଥିବା ଲୋକମାନଙ୍କ ଦ୍ୱାରା ଜ୍ଞାନ, ସୁବିଧା ସୁଯୋଗ, ଉପକରଣ ଏବଂ କାରିଗରୀ କୌଶଳର ବ୍ୟବହାରକୁ ଏହି ଉପପ୍ରଣାଳୀ ବୁଝାଏ।

୩. **ପରିଚାଳନାଗତ ଉପପ୍ରଣାଳୀ:** ସଂଗଠନରେ ବିଭିନ୍ନ କାର୍ଯ୍ୟ ସମ୍ବନ୍ଧୀୟ ଯୋଜନା ଓ ସମନ୍ୱୟରେ ଏହି ପ୍ରଣାଳୀ ସଂପୃକ୍ତ।

୪. **ଗଠନଗତ ଉପଶୃଙ୍ଖଳା:** ସୁନିର୍ଦ୍ଦିଷ୍ଟ କାର୍ଯ୍ୟମାନଙ୍କୁ ଏବଂ ଭିନ୍ନ ଭିନ୍ନ ଅଂଶ ବା ବିଭାଗଗୁଡ଼ିକରେ ଏକତ୍ରୀକରଣ କରାଯାଇଥିବା କାର୍ଯ୍ୟଗୁଡ଼ିକୁ (ଯଥା- ଉତ୍ପାଦନ, ବିକ୍ରୟ, ମାନବ ସମ୍ବଳ) ଲୋକମାନେ ଏକାଠି ହୋଇ ସମ୍ପନ୍ନ କରନ୍ତି। ଏ ସମସ୍ତ ଗଠନଗତ ଉପପ୍ରଣାଳୀ ମଧ୍ୟରେ ଅନ୍ତର୍ଭୁକ୍ତ।

୫. **ମାନସିକ ଉପପ୍ରଣାଳୀ:** ଗୋଟିଏ ସଂଗଠନରେ କାଯର୍ଯ୍ୟକରୁଥିବା ଲୋକମାନଘଙ୍କ ମଧ୍ୟରେ ସାମାଜିକ ସଂପର୍କ ରହିଥାଏ। ଏହାକୁ କେବଳ ବ୍ୟକ୍ତି ଓ ବୈଷୟିକ ଜ୍ଞାନ ସଦୃଶ ବିଚାର ନ କରି ବରଂ କେତେକ ନୀତିନିୟମ, ମାନଦଣ୍ଡ ଏବଂ ମୂଲ୍ୟବୋଧକୁ ଅନୁସରଣ କରି ତାହା ଭିତ୍ତିରେ କାର୍ଯ୍ୟରେ ସମନ୍ୱୟ ରକ୍ଷାକରିବା ଦୃଷ୍ଟିରେ ବିଚାର କରିବା ଉଚିତ।

ଏହା ମନେରଖିବା ଉଚିତ୍ ଯେ ପ୍ରତ୍ୟେକ ଉପପ୍ରଣାଳୀର ସ୍ୱତନ୍ତ୍ର ତାତ୍ପର୍ଯ୍ୟ ରହିଛି। ଦୃଷ୍ଟାନ୍ତ ସ୍ୱରୂପ, ଆଭିମୁଖ୍ୟ ଉପପ୍ରଣାଳୀ କେଉଁ କାର୍ଯ୍ୟ ଓ କ୍ରିୟା କଳାପ କରାଯିବ ତାହା ନିର୍ଣ୍ଣୟ କରେ। ଏହି ସମସ୍ତ ଲକ୍ଷ୍ୟ ଓ ଉଦ୍ଦେଶ୍ୟଗୁଡ଼ିକ ବୃହତ୍ତର ସମାଜର ଲକ୍ଷ୍ୟ ସହିତ ମିଳିତ ହେବା ଆବଶ୍ୟକ। ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ।

## ୨୨.୨ ସାଂଗଠନିକ ବାତାବରଣ

ସଂଗଠନର ଆଭ୍ୟନ୍ତରୀଣ ପରିବେଶକୁ ବାତାବରଣ କୁହାଯାଏ। ଏହା ଅପେକ୍ଷାକୃତ ଦୀର୍ଘସ୍ଥାୟୀ। ଏହା ସଦସ୍ୟମାନଙ୍କ ଦ୍ୱାରା ଅନୁଭୂତ ହୋଇଥାଏ ଓ ସେମାନଙ୍କ ଆଚରଣକୁ ପ୍ରଭାବିତ କରିଥାଏ। ସଂଗଠନର ଅନ୍ତରୀଣ ପରିବେଶ ଭିତରେ ରହି କାର୍ଯ୍ୟକରୁଥିବା ବ୍ୟକ୍ତିମାନଙ୍କର ସେହି ପରିବେଶ ସମ୍ବନ୍ଧରେ ଥିବା ଧାରଣାର ଏହା ସୂଚନା ପ୍ରଦାନକରେ। କେତେ ମାତ୍ରାରେ ପ୍ରଶାସନିକ ଅଙ୍ଗ ଦ୍ୱାରା ସାଂଗଠନିକ ନିୟମାବଳୀ ବଳବତ୍ତର ହୋଇପାରିଛି ସେପରି ଦୃଷ୍ଟିରେ ମଧ୍ୟ ଏହାକୁ ଦେଖାଯାଇପାରେ। ସଂଗଠନର ସଦସ୍ୟମାନଙ୍କର ସେହି ସଂଗଠନ ପ୍ରତିଥିବା ମନୋଭାବକୁ ମଧ୍ୟ ଏହା ପ୍ରତିଫଳିତ କରେ।

ଗୋଟିଏ ସଂଗଠନକୁ ଅନ୍ୟ ସଂଗଠନ ମାନଙ୍କ ଠାରୁ ସାଂଗଠନିକ ବାତାବରଣ ପ୍ରାୟତଃ ପୃଥକ କରିଥାଏ। ଏକ ଅବଧି ମଧ୍ୟରେ ଏହା ଅପେକ୍ଷାକୃତ ଭାବରେ ଦୀର୍ଘସ୍ଥାୟୀ ଅଟେ ଏବଂ ସଂଗଠନର ସଦସ୍ୟମାନଙ୍କର ବ୍ୟବହାରକୁ ପ୍ରଭାବିତ କରେ। ମାନବସମ୍ବଳ, ଉତ୍ପାଦନ, ଗବେଷଣା ଓ ବିକାଶ ପରି ବିଭିନ୍ନ ବିଭାଗର ବାତାବରଣ ମଧ୍ୟରେ ଭିନ୍ନତା ପରିଲକ୍ଷିତ ହୋଇପାରେ। ସାଂଗଠନିକ ବାତାବରଣକୁ ବୁଝିବାକୁ ହେଲେ ସଂଗଠନର ସଦସ୍ୟଗଣ ପରସ୍ପର ସହିତ କିପରି ଯୋଗାଯୋଗ କରନ୍ତି ଓ ସମ୍ପର୍କ ରକ୍ଷାକରନ୍ତି, ସେମାନଙ୍କର କର୍ମ ସନ୍ତୋଷର ସ୍ତର, କର୍ମଚାରୀମାନଙ୍କ ମଧ୍ୟରେ ଥିବା ସହଯୋଗର ପରିମାଣ ଇତ୍ୟାଦି ଜାଣିବା ଆବଶ୍ୟକ। ଏ ସମସ୍ତକାରକ ଗୋଟିଏ ସଂଗଠନର ସଫଳତାକୁ ନିର୍ଦ୍ଧାରଣ କରିଥାନ୍ତି। ଦ୍ୱୈତ ମାର୍ଗୀ ଯୋଗାଯୋଗ ବ୍ୟବସ୍ଥା, ସହଯୋଗ ମନୋଭାବାପନ୍ନ କର୍ମଚାରୀ, ଏବଂ ସଂଗଠନ ପ୍ରତି ଏକ ସକରାତ୍ମକ ଦୃଷ୍ଟିଭଂଗୀ ଗୋଟିଏ ସଂଗଠନକୁ ଅଧିକ ସଫଳ କରିପାରେ। ଏଠାରେ କର୍ମଚାରୀମାନଙ୍କର ଅଧିକ କର୍ମ ସନ୍ତୋଷ ଓ ଅଙ୍ଗୀକାରବଦ୍ଧତା ରହିଥାଏ। ସେମାନଙ୍କର ଉତ୍ପନ୍ନଶୀଳତା ମଧ୍ୟ ବୃଦ୍ଧିପାଏ। ସୁତରାଂ, ଏକ ସକରାତ୍ମକ ସାଂଗଠନିକ ବାତାବରଣ କର୍ମଚାରୀମାନଙ୍କୁ ଅଧିକ ସନ୍ତୁଷ୍ଟ ଓ ଉତ୍ପନ୍ନଶୀଳ କରାଇପାରେ।

### ବାତାବରଣର ନିର୍ଦ୍ଧାରକ

ଗୋଟିଏ ସଂଗଠନର ବାତାବରଣକୁ ଅନେକ କାରକ ନିର୍ଦ୍ଧାରଣ କରିଥାନ୍ତି। ଏଥି ମଧ୍ୟରେ ଅତିକମ୍‌ରେ ଚାରିଗୋଟି ବିଶେଷଭାବରେ ପ୍ରାସଂଗିକ ବୋଲି ପ୍ରତୀୟମାନ ହୋଇଥାଏ। ସେଗୁଡ଼ିକ ହେଉଛନ୍ତି:

**୧. ସାଂଗଠନିକ ସଂରଚନା:** ଏହା ହେଉଛି ଗୋଟିଏ ସଂସ୍ଥାରେ କ୍ଷମତା ଓ ଦାୟିତ୍ୱ ବୋଧ ମଧ୍ୟରେ ଥିବା ସଂପର୍କର ଆଧାର। କିଏ ସେ କାହାର କାର୍ଯ୍ୟକୁ ତଦାରଖ କରେ ଏବଂ କିଏ କାହା ନିକଟରେ ଉତ୍ତରଦାୟୀ ଅଟେ, ଏହା ତାହାକୁ ସ୍ପଷ୍ଟ କରେ। କାର୍ଯ୍ୟ ତଦାରଖକାରୀ, ଅଧସ୍ତନ କର୍ମଚାରୀ ଏବଂ ସହକର୍ମୀ ମାନଙ୍କ ମଧ୍ୟରେ ପାରସ୍ପରିକ ସଂପର୍କର ଭିତ୍ତିଭାବେ ଏହା କର୍ଯ୍ୟ କରିଥାଏ। ଉଦାହରଣ ସ୍ୱରୂପ, ଯଦି ଉଚ୍ଚ କର୍ତ୍ତୃପକ୍ଷ ଅଧସ୍ତନ କର୍ମଚାରୀମାନଙ୍କୁ ଅଧିକ ପ୍ରାଧାନ୍ୟତା ପ୍ରଦାନ କରିବାର ଆବଶ୍ୟକତାକୁ ଅନୁଭବ କରେ, ଏହା ଏକ ବିକେନ୍ଦ୍ରୀକରଣ ଗଠନ ପ୍ରଣାଳୀକୁ ଅନୁସରଣ କରିବ। ଏହାର ଅର୍ଥ ହେଉଛି ଯେ କ୍ଷମତାର ସୋପାନ ସଂଖ୍ୟା ଅତିବେଶୀନହୋଇ ଅଳ୍ପ ସଂଖ୍ୟକ ହେବ ଏବଂ କର୍ମଚାରୀମାନେ ନିଷ୍ପତ୍ତି ଗ୍ରହଣ କ୍ଷେତ୍ରରେ ଅଂଶଗ୍ରହଣ ନିମନ୍ତେ ପ୍ରୋତ୍ସାହନ ପାଇବେ। କିନ୍ତୁ ଯଦି ଉଚ୍ଚ କର୍ତ୍ତୃପକ୍ଷ ନିଷ୍ପତ୍ତିଗ୍ରହଣରେ ଅଧିକ କର୍ତ୍ତୃତ୍ୱ ଜାହିର କରିବାକୁ ପସନ୍ଦ କରନ୍ତି ତେବେ ଏହା ଏକ କେନ୍ଦ୍ରୀୟ ଗଠନ ପ୍ରଣାଳୀକୁ ଅନୁସରଣ କରିଥାଏ।

**୨. ବୈଷୟିକ ପଦ୍ଧତି:** ଗୋଟିଏ ସଂସ୍ଥା ଦ୍ୱାରା ପ୍ରୟୋଗ କରାଯାଉଥିବା ବୈଷୟିକ ପଦ୍ଧତିର ପ୍ରକୃତି ମଧ୍ୟ ସାଂଗଠନିକ ବାତାବରଣକୁ ପ୍ରଭାବିତ କରେ। ଦୃଷ୍ଟାନ୍ତ ସ୍ୱରୂପ ବିଭିନ୍ନ ଅଂଶକୁ ଯୋଡ଼ିବାର କ୍ରମିକ ଧାରା ପରି ଗତାନୁଗତିକ ବୈଷୟିକ ପଦ୍ଧତିମାନେ ଅନେକ ନିୟମାବଳୀ ସୃଷ୍ଟି କରନ୍ତି, ଫଳତଃ ଏହା କମ ସୃଜନଶୀଳତା ଓ ପାରସ୍ପରିକ ବିଶ୍ୱାସ ଥିବା ଏକ କଠୋର ବାତାବରଣକୁ ଜନ୍ମଦିଏ। ଅନ୍ୟପକ୍ଷରେ ମାହାକାଶ ଇଂଜିନିୟରିଂ ପରି ଅଧିକ ଗତିଶୀଳ ଓ ପରିବର୍ତ୍ତନଶୀଳ ବୈଷୟିକ ପଦ୍ଧତି ଗୁଡ଼ିକ କାର୍ଯ୍ୟସଂପନ୍ନ ନିମନ୍ତେ ଅଧିକ ପାରସ୍ପରିକ ବିଶ୍ୱାସ ଓ ବ୍ୟକ୍ତିଗତ ଦାୟିତ୍ୱ ବୋଧ ସୃଷ୍ଟିକରିବାର ଜଣାଯାଏ।

**୩. ବାହ୍ୟ ପରିବେଶ:** କର୍ମଚାରୀମାନଙ୍କ ନିମନ୍ତେ ଯେଉଁ ବାହ୍ୟ ଘଟଣାବଳୀ ବା କାରକ ମାନଙ୍କର ପ୍ରାସଙ୍ଗିତା ଥାଏ, ସେଗୁଡ଼ିକ ବାତାବରଣକୁ ମଧ୍ୟ ପ୍ରଭାବିତ କରିଥାନ୍ତି। ଉଦାହରଣ ସ୍ୱରୂପ, ଗୁରୁତ୍ତର ଆର୍ଥିକ ପରିସ୍ଥିତିମାନଙ୍କରେ ସଂଗଠନ ମାନେ କର୍ମଚାରୀମାନଙ୍କ ସଂଖ୍ୟା ହ୍ରାସ କରିବାକୁ ବାଧ୍ୟ ହୋଇପଡ଼ନ୍ତି। ଯେଉଁମାନେ ସଂସ୍ଥାରେ ରହିଯାଆନ୍ତି ସେମାନେ ପରସ୍ପର ପ୍ରତିକମ୍ ଆନ୍ତରିକତା ଓ ସହାୟତା ଏବଂ ସ୍ୱଳ୍ପ ପ୍ରଣୋଦନାର ଏକ ଶଙ୍କାପୂର୍ଣ୍ଣ ବାତାବରଣକୁ ଅନୁଭବ କରୁଥାନ୍ତି।

**୪. ପରିଚାଳନାଗତ ରୀତି ନୀତି:** ଯେଉଁ ପରିଚାଳକମାନେ ସେମାନଙ୍କର ଅଧସ୍ତନ କର୍ମଚାରୀମାନଙ୍କୁ ଅଧିକ ସ୍ୱାଧୀନତା ଏବଂ ପ୍ରତିପୁଷ୍ଟି ପ୍ରଦାନ କରନ୍ତି ସେମାନଙ୍କର ଲକ୍ଷ୍ୟପ୍ରାପ୍ତିର ବାତାବରଣ ସୃଷ୍ଟି ନିମନ୍ତେ ଯଥେଷ୍ଟ ଅବଦାନ ଥାଏ। ଏହାହିଁ ଅଧିକ ଉତ୍ପନ୍ନଶୀଳତା ଦିଗରେ ଅଗ୍ରସର ହୋଇଥାଏ।

## ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ୨୨.୧

୧. ସଂଗଠନ କ'ଣ ଅଟେ ?

___

୨. ସଂଗଠନରେ ପରିବେଷ୍ଟନୀରୁ ଆୟାତ ଉପାଦାନମାନଙ୍କର ଦୁଇଗୋଟି ଉଦାହରଣ ଦିଅ।

___

୩. ଗୋଟିଏ ସଂଗଠନର ଯେକୌଣସି ତିନିଗୋଟି ଉପପ୍ରଣାଳୀର ନାମ ଲେଖ।

___

## ୨୨.୩ କାର୍ଯ୍ୟସ୍ଥଳରେ ପାରସ୍ପରିକ ସଂପର୍କ

ଗୋଟିଏ ସଂସ୍ଥାରେ କୌଣସି କାର୍ଯ୍ୟସଂପାଦନ ନିମନ୍ତେ ପ୍ରାୟତଃ ଅନେକ ବ୍ୟକ୍ତିଙ୍କର ସମ୍ମିଳିତ ଅବଦାନ ନିହିତ ଥାଏ। ଏହା ଏକ ସାମାଜିକ ପ୍ରକ୍ରିୟା। ବାସ୍ତବରେ ଯେ କୌଣସି ପ୍ରକାରର କାର୍ଯ୍ୟ ଅନେକ ବ୍ୟକ୍ତିଙ୍କ ମଧ୍ୟରେ ସାମାଜିକ ପାରସ୍ପରିକ କ୍ରିୟା ଆବଶ୍ୟକ କରିଥାଏ। ବିକ୍ରେତା ଗ୍ରାହକମାନଙ୍କ ସହିତ, ଡ଼ାକ୍ତର ରୋଗୀମାନଙ୍କ ସହ, କାର୍ଯ୍ୟ ତଦାରଖକାରୀ ତାଙ୍କର ଅଧସ୍ତନ କର୍ମଚାରୀମାନଙ୍କ ସହିତ ଏବଂ ଶିକ୍ଷକ ଛାତ୍ରମାନଙ୍କ ସହିତ

ପାରସ୍ପରିକ କ୍ରିୟା କରିଥାନ୍ତି। ଅଧିକନ୍ତୁ, ଅଧିକାଂଶ କର୍ମଚାରୀ ଏକ ବା ଅଧିକ କାର୍ଯ୍ୟଗୋଷ୍ଠୀର ସଦସ୍ୟ ହୋଇଥିବାରୁ ସେମାନଙ୍କ ସଂପର୍କର ପରିସର ବୃଦ୍ଧିପାଇଥାଏ।

ପାରସ୍ପରିକ ବା ଅନ୍ତର୍ବୈକ୍ତିକ ସଂପର୍କକୁ ଚୁକ୍ତିର ଆକାର ଦିଆଯାଇପାରେ। ଏହି ଚୁକ୍ତିରେ ନିର୍ଦ୍ଦିଷ୍ଟ ପନ୍ଥାନୁଯାୟୀ ପାରସ୍ପରିକ କ୍ରିୟା ନିମନ୍ତେ ରାଜିନାମା ସଂପୃକ୍ତ ଥାଏ। ଆମେ ଅନେକଙ୍କ ସହ ପାରସ୍ପରିକ କ୍ରିୟା କରିପାରେ କିନ୍ତୁ ଏକ ସଂପର୍କର ବଳୟ ମଧ୍ୟକୁ ପ୍ରବେଶ କରିନପାରେ। ଏକ ସଂପର୍କ ଜନ୍ମଲାଭ କରେ ଯେତେବେଳେ କି ଆମର ଉପଯୁକ୍ତ ଢ଼ଙ୍ଗର ଆଚରଣ କରିବାର ପ୍ରତ୍ୟାଶା ଥାଏ।

କାର୍ଯ୍ୟକ୍ଷେତ୍ରରେ କର୍ମଚାରୀମାନେ ଅନ୍ୟମାନଙ୍କ ସହିତ ବିଭିନ୍ନ ପ୍ରକାରର ସଂପର୍କ ସ୍ଥାପନ କରନ୍ତି। ଏଗୁଡ଼ିକ ଉଭୟ ଔପଚାରିକ କାର୍ଯ୍ୟଗତ ଭୂମିକା ଏବଂ ସାଂଗଠନିକ ପଦବୀର ଫଳାଫଳ ହୋଇପାରେ। ନିଜର ମାଲିକ ସହିତ, ସହକର୍ମୀମାନଙ୍କ ସହିତ ଏବଂ ବନ୍ଧୁବର୍ଗଙ୍କ ସହିତ ପାରସ୍ପରିକ କ୍ରିୟା ଭିନ୍ନ ଭିନ୍ନ ସଂପର୍କର ରୂପ ନିଏ।

## ପଦସ୍ଥ – ଅଧସ୍ତନ ସଂପର୍କ

ନିର୍ଦ୍ଦେଶାବଳୀ ଓ ମାର୍ଗଦର୍ଶନ ହାସଲ କରିବାକୁ କର୍ମଚାରୀ ତାଙ୍କର ମାଲିକଙ୍କ ସହ ଏକ ସଂପର୍କ ଗଢ଼ିବାକୁ ପଡ଼ିଥାଏ। ମାଲିକ ହିଁ ନିଷ୍ପତ୍ତି ଗ୍ରହଣରେ ଅଂଶଗ୍ରହଣ ନିମନ୍ତେ ଅଧସ୍ତନ କର୍ମଚାରୀଙ୍କୁ ଅନୁମତି ଦେଇପାରନ୍ତି ବା ଦେଇ ନପାରନ୍ତି। ସେ କାର୍ଯ୍ୟ ପ୍ରଦାନ କରନ୍ତି, କର୍ମଚାରୀଙ୍କ କାର୍ଯ୍ୟର ମୂଲ୍ୟାୟନ କରନ୍ତି, ବେତନ ବୃଦ୍ଧି ନିର୍ଦ୍ଧାରଣ କରନ୍ତି, ଏବଂ କିଏ ପଦୋନ୍ନତି ପାଇବେ ତାହା ନିଷ୍ପତ୍ତି କରିଥାନ୍ତି। ତେବେ କର୍ମଚାରୀ ନିଜର ମାଲିକଙ୍କ ସହ କେଉଁପ୍ରକାରର ସଂପର୍କ ଗଢ଼ିବେ ତାହ ମାଲିକଙ୍କର ନେତୃତ୍ୱ ଶୈଳୀ ଉପରେ ନିର୍ଭର କରେ। ଏସବୁ ସାରଣୀ ୨୨.୨ରେ ବର୍ଣ୍ଣନା କରାଯାଇଛି:

| ନେତୃତ୍ୱ ଶୈଳୀ | କର୍ମଚାରୀମାନଙ୍କ ସହିତ ସଂପର୍କର ସ୍ୱରୂପ |
|---|---|
| ପ୍ରଭୁତ୍ୱମୁଖୀ ଶୈଳୀ | ପରିଚାଳକ ନିର୍ଦ୍ଦେଶ ଦିଅନ୍ତି ଏବଂ ଅଧସ୍ତନ କର୍ମଚାରୀମାନଙ୍କ ଦ୍ୱାରା ନିର୍ଦ୍ଦେଶାନାମାକୁ ପ୍ରୟୋଗ କରିବା ଓ କାର୍ଯ୍ୟକୁ ସମ୍ପନ୍ନ କରିବା ନିମନ୍ତେ ଭୟ ଓ ଦଣ୍ଡବିଧାନର ବ୍ୟବହାର ହୁଏ। ଏଥିରେ ଏକମୁଖୀ ତଥା ନିମ୍ନଗାମୀ ଯୋଗାଯୋଗ ବ୍ୟବସ୍ଥା ନିହିତଥାଏ। |
| ପିତୃତ୍ୱମୂଖୀ ଶୈଳୀ | ମୌଳିକଭାବରେ ପ୍ରଭୁତ୍ୱମୂଖୀ କିନ୍ତୁ ଅଧସ୍ତନମାନଙ୍କୁ କେତେକ କ୍ଷେତ୍ରରେ ଅଂଶଗ୍ରହଣ ପାଇଁ ଅନୁମତି ପ୍ରଦାନ କରାଯାଇଥାଏ। ଏଥିରେ ମାଲିକ ଏବଂ ଅଧସ୍ତନମାନଙ୍କ ଦ୍ୱି-ପାକ୍ଷିକ ଯୋଗାଯୋଗ ସଂପୃକ୍ତ ଥାଏ। ପ୍ରୋତ୍ସାହନ ଏବଂ ଭୟ ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ବିନିଯୋଗ କରାଯାଏ। |
| ପରାମର୍ଶମୁଖୀ ଶୈଳୀ | କର୍ମଚାରୀମାନଙ୍କ ସହିତ ବିଚାରବିମର୍ଶ କରିବା ପରେ ନିର୍ଦ୍ଦେଶନାମା ଜାରୀ କରାଯାଏ ଏବଂ ଲକ୍ଷ୍ୟ ସ୍ଥିରୀକୃତ ହୋଇଥାଏ। ଦଳଗତ କାର୍ଯ୍ୟକୁ କିଛି ମାତ୍ରାରେ ପ୍ରୋତ୍ସାହନ ମିଳେ। |
| ଅଂଶଗ୍ରହଣ ଶୈଳୀ | ଲକ୍ଷ୍ୟ ନିର୍ଦ୍ଧାରଣରେ କର୍ମଚାରୀମାନେ ସଂପୂର୍ଣ୍ଣଭାବେ ସଂପୃକ୍ତ ହୋଇଥାନ୍ତି ଏବଂ ଦ୍ୱିପାକ୍ଷିକ ଯୋଗାଯୋଗ ଏଥିରେ ମାନଦଣ୍ଡ ହୋଇଥାଏ। |

ସାଧାରଣତଃ ମାଲିକ ଅଧସ୍ତନମାନଙ୍କର ବିଚାରଧାରା ଓ ଆବଶ୍ୟକତାକୁ ଯେତେ ଅଧିକ ଗୁରୁତ୍ୱଦେବେ ଏବଂ ତାଙ୍କର କାର୍ଯ୍ୟଶୈଳୀ ଯେତେଅଧିକ ଅଂଶଗ୍ରହଣମୁଖୀ ହେବ, କର୍ମଚାରୀମାନଙ୍କର ଉତ୍ପନ୍ନଶୀଳତା ଓ ସନ୍ତୋଷ ସେତେ ଅଧିକ ହେବ ଏବଂ ସେମାନଙ୍କର ଅନୁପସ୍ଥିତି ଓ ସଂସ୍ଥାତ୍ୟାଗ ହ୍ରାସ ପାଇବ।

## ସହକର୍ମୀ ଓ ବଂଧୁବର୍ଗଙ୍କ ସହିତ ସଂପର୍କ

ଆମେ ଅନ୍ୟମାନଙ୍କ ଅପେକ୍ଷା ସହକର୍ମୀମାନଙ୍କ ସହିତ ଅଧିକ ସମୟ ଅତିବାହିତ କରିଥାଉ। କାର୍ଯ୍ୟଗତ ସମୂହର ପରିପ୍ରେକ୍ଷୀ କାର୍ଯ୍ୟସ୍ଥଳରେ ଆମର ଅନୁଭୂତିକୁ ପ୍ରଭାବିତ କରିଥାଏ। ଔପଚାରିକ ଭାବରେ ଉଲ୍ଲେଖ

ହୋଇଥିବା ନୀତି ନିୟମ ଅନୁସାରେ ସହକର୍ମୀମାନଙ୍କ ସହିତ ସଂପର୍କ ବିକଶିତ ହୋଇନଥାଏ । ବଂଧୁବର୍ଗଙ୍କ ସହିତ ସଂପର୍କ ପ୍ରାୟତଃ ସମ ରୁଚି, ପସନ୍ଦ ଓ ନାପସନ୍ଦକୁ ନେଇ ବିକଶିତ ହୁଏ । କେତେକ କର୍ମଚାରୀ ସେମାନଙ୍କ ସହକର୍ମୀମାନଙ୍କ ଉପରେ ଅଧିକ ନିର୍ଭର କରନ୍ତି ଏବଂ ଅନ୍ୟକର୍ମଚାରୀମାନଙ୍କ ନିମନ୍ତେ ଏକ ଅଧିକ ସହଜ ସରଳ ପାରସ୍ପରିକ ସଂପର୍କର ସୁଯୋଗ ଯୋଗାଇଥାନ୍ତି । ସହକର୍ମୀମାନେ ମଧ କର୍ମଚାରୀମାନଙ୍କୁ ଅନ୍ୟମାନଙ୍କର ବିଶ୍ୱାସଧାରା ସହିତ ତାଙ୍କର କେତେ ସାମଞ୍ଜସ୍ୟ ରହିଛି ତା'ର ତୁଳନା କରିବାର ସୁଯୋଗ ସୃଷ୍ଟି କରନ୍ତି । ଜଣେ ନୂତନ ଆଗନ୍ତୁକ ଉପଯୁକ୍ତ ଆଚରଣ ଶୈଳୀ ଜାଣିବା ନିମନ୍ତେ ପ୍ରଥମେ କାର୍ଯ୍ୟଦଳର ବଂଧୁମାନଙ୍କୁ ଅନୁସରଣ କରିବା ସ୍ୱାଭାବିକ । ଉଦାହରଣ ସ୍ୱରୂପ, ଜଣେ କର୍ମଚାରୀ ତାଙ୍କ ବଂଧୁମାନଙ୍କଠାରୁ ଶିକ୍ଷାକରେ ଯେ ମାଳିକ ପଚାରିଲେ ମଧ ସଂସ୍ଥାର ନୀତି ସମ୍ବନ୍ଧରେ କୌଣସି ମତାମତ ଦେବା ଠିକ୍ ନୁହେଁ । ତା'ବ୍ୟତୀତ ସଂଗଠନ ମଧ୍ୟରେ ଥିବା ଅଲିଖିତ ନୀୟମାବଳୀକୁ ଶିକ୍ଷା କରିବା ସହ କାର୍ଯ୍ୟ ତଦାରଖକାରୀ ଉପରିସ୍ଥଙ୍କ ନିକଟରେ ନିଜର ପ୍ରକ୍ଷୋଭକୁ ପ୍ରଦର୍ଶନ ନକରି ବଂଧୁବର୍ଗଙ୍କ ମେଳରେ ଏହା କରିବାକୁ କର୍ମଚାରୀ ଶିକ୍ଷାକରେ । ଏତାଦୃଶ ସଂପର୍କ କର୍ମ ସନ୍ତୋଷ ପ୍ରଦାନ କରେ ଏବଂ ସାଂଗଠନିକ ଅଙ୍ଗୀକାର ବଦ୍ଧତା ବୃଦ୍ଧି କରେ ।

ପାରସ୍ପରିକ ସଂପର୍କରେ ବିକାଶର ଭିତ୍ତିଭୂମି ସ୍ଥାପନ କରିବାପାଇଁ ଏବଂ କାର୍ଯ୍ୟଗତ ଭୂମିକା ଗ୍ରହଣ କ୍ଷେତ୍ରରେ ଯେଉଁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଧାରକ ସହାୟତା ପ୍ରଦାନକରେ ତାହା ହେଉଛି ସାଂଗଠନିକ ସମାଜୀକରଣ ପ୍ରକ୍ରିୟା ।

## ସାଂଗଠନିକ ସମାଜୀକରଣ

ଯେଉଁ ପ୍ରକ୍ରିୟା ମାଧ୍ୟମରେ ଜନୈକ କର୍ମଚାରୀ ସଂସ୍ଥା ମଧ୍ୟରେ ଏକ ପଦବୀ ଗ୍ରହଣ କରିବାଲାଗି ଆବଶ୍ୟକ ଜ୍ଞାନ ଓ କୌଶଳ ହାସଲ କରିଥାଏ ତାକୁ ସାଂଗଠନିକ ସମାଜୀକରଣ ପ୍ରକ୍ରିୟା ବୋଲି କୁହାଯାଏ । କୌଣସି ସଂସ୍ଥାରେ ପ୍ରବେଶ କରିବା ପୂର୍ବରୁ ଆମ ପିତାମାତା ଏବଂ ଅନ୍ୟମାନଙ୍କ ଦ୍ୱାରା ଜୀବନର ପ୍ରାରମ୍ଭିକ ସମୟରୁ ବିଭିନ୍ନ ପରିସ୍ଥିତିରେ ଆମେ ସମାଜୀକରଣ ପ୍ରକ୍ରିୟାଦେଇ ଗତିକରିଥାଉ । ଏଥିରେ ସମାଜର ସଦସ୍ୟ ଭାବରେ କିପରି ନିର୍ଦ୍ଦିଷ୍ଟଭାବରେ ବ୍ୟବହାର କରିବାକୁ ହୁଏ ଆମେ ଶିକ୍ଷା କରେ । ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ସମ୍ମୁଖୀନ ହେଉଥିବା ପରିବର୍ତ୍ତନମାନଙ୍କ ସହିତ ଆମକୁ ସମନ୍ୱୟ ରକ୍ଷା କରିବାକୁ ପଡ଼େ । ଯେପରି ବ୍ୟକ୍ତି ବିବାହ କଲେ ବା ପିତାମାତା ହେଲେ ସମାଯୋଜିତ ହେବାକୁ ପଡ଼େ ସେହିପରି ଜଣେ ବ୍ୟକ୍ତି କୌଣସି କର୍ମସଂସ୍ଥାରେ ଯୋଗଦେଲେ ତାଙ୍କୁ ଅନ୍ୟମାନଙ୍କ ସହିତ ମିଶିବା, ସହଯୋଗ କରିବା ଏବଂ ସପର୍କ ଗଢ଼ିବାକୁ ଶିକ୍ଷା କରିବାକୁ ପଡ଼ିଥାଏ । ସେତେବେଳେ ସେହି ସଂପର୍କହିଁ ସଂଗଠନରେ ଗ୍ରହଣୀୟ ଆଚରଣ ଓ ମନୋବୃତ୍ତି ସମ୍ବନ୍ଧରେ ଜ୍ଞାନଲାଭ କ୍ଷେତ୍ରରେ ସାହାଯ୍ୟ କରେ । ଏକ କର୍ମସଂସ୍ଥାରେ ପ୍ରବେଶ ହିଁ ବୟସ୍କ କାଳୀନ ସାମାଜୀକରଣର ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ରୂପେ କାର୍ଯ୍ୟକରେ । ଏପ୍ରକାରର ସମାଜୀକରଣ ଏକ ସ୍ୱତନ୍ତ୍ର ଘଟଣା ନ ହୋଇ ବରଂ ଏକ ନିରବଚ୍ଛିନ୍ନ ପ୍ରକ୍ରିୟା ଅଟେ । ଜଣେ ବ୍ୟକ୍ତି ଗୋଟିଏ କାର୍ଯ୍ୟଗତ ଭୂମିକାରୁ ଅନ୍ୟ ଭୂମିକାକୁ ଏବଂ ଗୋଟିଏ ପାରିବେଶିକ ପରିସ୍ଥିତିରୁ ଅନ୍ୟ ଏକ ପରିସ୍ଥିତିକୁ ପରିବର୍ତ୍ତନ କରୁଥିବା ପର୍ଯ୍ୟନ୍ତ ଏହା ଅବ୍ୟାହତ ରହେ । ଏହର ଏକ ଦ୍ୱି-ମୁଖୀ ପ୍ରକ୍ରିୟା ଯେଉଁଠାରେ ବ୍ୟକ୍ତି କେବଳ ଯେ ସଂଗଠନର ମୂଲ୍ୟବୋଧ, ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟମାନଙ୍କୁ ଆଦରିନିଏ ତା'ନୁହେଁ ବରଂ ସଂଗଠନଟି ମଧ ମହିଳା ଏବଂ ଅନ୍ୟସବୁ ସଂଖ୍ୟାଲଘୁ ସମୂହ ଦ୍ୱାରା ଗଠିତ କର୍ମଚାରୀ ସମୂହର ଆବଶ୍ୟକତାକୁ ମେଣ୍ଟାଇବା ଅନୁଯାୟୀ ନିଜକୁ ପରିବର୍ତ୍ତନ କରିଥାଏ ।

ସୁତରାଂ, ଉଭୟ ବ୍ୟକ୍ତି ବିଶେଷ ଏବଂ ସଂଗଠନ ପରସ୍ପରର ଆବଶ୍ୟକତା ଅନୁଯାୟୀ ନିଜକୁ ଏପରି ପରିବର୍ତ୍ତନ କରନ୍ତି ଯେପରି ପ୍ରତ୍ୟେକଙ୍କର ପ୍ରତ୍ୟାଶାମାନ ନିଶ୍ଚୟ ପୂରଣ ହୋଇପାରିବ । ଉଭୟଙ୍କ ମଧ୍ୟରେ ଏକ ମନସ୍ତାତ୍ତ୍ୱିକ ସଂପର୍କ ଥିବାପରି ପ୍ରତୀୟମାନ ହୋଇଥାଏ । ଏହି ସଂପର୍କ ଏକ ଲିଖିତ ଦସ୍ତାବିଜ୍ ନୁହେଁ ବରଂ ଏକ ପାରସ୍ପରିକ ବୁଝାମଣା ଯାହାକି ପାରସ୍ପରିକ ପ୍ରତ୍ୟାଶାର ପୂର୍ତ୍ତି ପ୍ରକ୍ରିୟାକୁ ସହାୟତା ପ୍ରଦାନ କରେ ।

## ଯୋଗାଯେଗ/ଭାବବିନିମୟ

ପାରସ୍ପରିକ ସଂପର୍କରେ ସଫଳତା ଯୋଗାଯୋଗର ଗୁଣବତ୍ତା ଉପରେ ନିର୍ଭର କରେ । ଯୋଗାଯୋଗ ମାଧ୍ୟମରେ ଆମେ ଅନ୍ୟମାନଙ୍କ ସହିତ ଆମର ଚିନ୍ତାଧାରା, ଭାବ, ଆବେଗ ଓ ଅନୁଭୁତିର ବିନିମୟ କରିପାରେ । କୌଣସି ସଂଗଠନ ସୁଚାରୁ ରୂପେ କାର୍ଯ୍ୟକରିବା ନିମନ୍ତେ ସଂସ୍ଥାର ସଦସ୍ୟଗଣ ସେମାନଙ୍କ ମଧ୍ୟରେ ଯୋଗାଯୋଗ କରିପାରୁଥିବା ଉଚିତ ।

**ଯୋଗାଯୋଗର ଅର୍ଥ:** ଜଣେ ପ୍ରେରକ ଓ ଜଣେ ପ୍ରାପକଙ୍କ ମଧ୍ୟରେ ଏକ ଅର୍ଥପୂର୍ଣ୍ଣ ସଂଚାରଣହିଁ ଯୋଗାଯୋଗ। ଏହା ପାରସ୍ପରିକ ବୁଝାମଣା ନିମନ୍ତେ ଏକ ସାର୍ବଜନୀନ ଆଧାର ସ୍ଥାପନ କରେ। ଯଦିଓ ସମସ୍ତ ଜୀବିତ ପ୍ରାଣୀଙ୍କ ମଧ୍ୟରେ କେତେ ପ୍ରକାରର ଯୋଗାଯୋଗ ହୋଇଥାଏ କିନ୍ତୁ ମନୁଷ୍ୟଜାତି ପ୍ରତୀକମାନଙ୍କ ସାହାଯ୍ୟରେ ତଥ୍ୟ ସଂଚାରଣର ଅନନ୍ୟ ସାମର୍ଥ୍ୟ ହାସଲ କରିଛି। ପ୍ରତୀକଗୁଡ଼ିକ ଭୌତିକ ଜଗତର ସାଧାରଣ ବସ୍ତୁମାନଙ୍କୁ ଯଥା: ଟେବୁଲ, ଚେୟାର, ବହି, କିମ୍ବା ଖାଇବା, ପଢ଼ିବା ଓ ଶୋଇବା ପରି କାର୍ଯ୍ୟ ମାନଙ୍କୁ ସୂଚିତ କରିଥାନ୍ତି। ବିମୂର୍ତ୍ତ ସ୍ତରରେ ପ୍ରତୀକମାନଙ୍କୁ ବୁଦ୍ଧିମତ୍ତା, ସତ୍ୟ, ସାରବତ୍ତା ଆଦି ପ୍ରତ୍ୟୟମାନଙ୍କୁ ସୂଚିତ କରିବା ନିମନ୍ତେ ବ୍ୟବହାର କରାଯାଇପାରେ। ମନୂଷ୍ୟ ଦ୍ୱାରା ଭାଷାର ବ୍ୟବହାର ପ୍ରତୀକ ମାନଙ୍କର ଅଧିକ ବିକଶିତ ବ୍ୟବହାରକୁ ସୂଚିତ କରେ। ଯୋଗାଯୋଗ ବାଚିକ ବା ଲିଖିତ ହୋଇପାରେ। ଏହା (କ) ଦୁଇଜଣ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ (ଖ) ଏକ ସମୂହ ମଧ୍ୟରେ (ଗ) ସଂପୂର୍ଣ୍ଣ ସଂଗଠନ ମଧ୍ୟରେ (ଘ) ଲୋକମାନଙ୍କ ମଧ୍ୟରେ ସଂଘଟିତ ହୋଇପାରେ।

ସାଂଗଠନିକ ଯୋଗାଯୋଗରେ କମ୍ପୁଟରର ବ୍ୟବହାର ମଧ୍ୟ ଅନ୍ତର୍ଭୁକ୍ତ। ସୁତରାଂ, ସାଂଗଠନିକ ଦୃଷ୍ଟିକୋଣରୁ ଉଭୟ ଯାନ୍ତ୍ରିକ ଏବଂ ମାନବୀୟ ଯୋଗାଯୋଗ ତାତ୍ପର୍ଯ୍ୟପୂର୍ଣ୍ଣ ଅଟନ୍ତି। ସାଧାରଣ ଯୋଗାଯୋଗ ପ୍ରକ୍ରିୟାର ଆଲୋଚନା ଅଧ୍ୟାୟ-୨୦ରେ ବିଶଦଭାବେ ଆଲୋଚିତ ହୋଇଛି।

## ୨୨.୪ ଉତ୍ପାଦନଶୀଳତା ଏବଂ ଉତ୍କର୍ଷତା

ଯେତେବେଳେ ସଂଗଠନ ଲୋକମାନଙ୍କର ପ୍ରତ୍ୟାଶାକୁ ପୂରଣକରେ ସେଥିରେ ସଂଶ୍ଳିଷ୍ଟ ମାଲିକ, କର୍ମଚାରୀ, ଖାଉଟି ଏବଂ ସ୍ଥାନୀୟ ଗୋଷ୍ଠୀ ପ୍ରତ୍ୟେକେ ଲାଭବାନ ହୋଇଥାନ୍ତି। ସେତେବେଳେ ସଂଗଠନଟି ସଫଳ ହୋଇଛି ବୋଲି ବିବେଚିତ ହୁଏ। ପୁଣି ଯେତେବେଳେ ସଂଗଠନଟି ସଫଳତାର ସର୍ବନିମ୍ନ ମାନଦଣ୍ଡକୁ ଅତିକ୍ରମ କରେ ତେବେ ତାହା ଉତ୍କର୍ଷତା ହାସଲ କରିପାରିଛି ବୋଲି ବିବେଚନା କରାଯାଏ। ସମୟ ଅତିକ୍ରାନ୍ତ ହେବା ସହିତ ଉତ୍କର୍ଷତା ଖ୍ୟାତି ଆଣିଥାଏ, ଅର୍ଥାତ୍ ସଂଗଠନଟି ଉଚ୍ଚ ମାତ୍ରାର କାର୍ଯ୍ୟ ଦକ୍ଷତା ରଖିଛି ବୋଲି ବିବେଚିତ ହୁଏ ଓ ସ୍ୱୀକୃତି ମଧ୍ୟ ପାଏ। ଉତ୍କର୍ଷତା ହାସଲ କରିବାକୁ ହେଲେ ସଂଗଠନଟି ଉତ୍ପାଦନଶୀଳ ହେବା ସହିତ ସର୍ବନିମ୍ନ ମୂଲଖର୍ଚ୍ଚରେ ଆୟାତ ଉତ୍ପାଦକୁ ଉତ୍ପାଦନ ଦ୍ରବ୍ୟରେ ରୂପାନ୍ତରିତ କରିବା ନିମନ୍ତେ ସକ୍ଷମ ହେବା ଆବଶ୍ୟକ। ସଂଗଠନରେ ବ୍ୟକ୍ତିର ଆଚରଣ ଦୁଇଗୋଟି କାରକ ଦ୍ୱାରା ମିଳିତଭାବେ ନିର୍ଦ୍ଧାରିତ ହୋଇଥାଏ, ଯଥା ପରିବେଶ ସମ୍ବନ୍ଧୀୟ ଉପଲବ୍ଧିର ସ୍ୱରୂପ ଏବଂ ବ୍ୟକ୍ତିବିଶେଷର ଗୁଣାବଳୀ। ପରିବେଶ ବା ବାତାବରଣ ସମ୍ବନ୍ଧୀୟ ଉବଲବ୍ଧି ବିଷୟରେ ପୂର୍ବରୁ ବିଶଦଭାବେ ଆଲୋଚିତ ହୋଇଛି। ଏଠାରେ ଆମେ ବ୍ୟକ୍ତିବିଶେଷର ଗୁଣାବଳୀର ଭୂମିକା ଏବଂ କାର୍ଯ୍ୟରେ ସେଗୁଡ଼ିକ କିପରି ଉତ୍ପାଦନ ଓ ଉତ୍କର୍ଷତାକୁ ପ୍ରଭାବିତ କରନ୍ତି ତାହା ଆଲୋଚନା କରିବା।

ଯେତେବେଳେ ସଂଗଠନାତ୍ମକ ଉତ୍ପାଦ ଏବଂ ଉତ୍ପନ୍ନଶୀଳତା ପ୍ରସଂଗକୁ ଜଣେ କର୍ମଚାରୀ ଦୃଷ୍ଟିକୋଣରୁ ଅନୁଶୀଳନ କରାଯାଏ ସେତେବେଳେ ଉନ୍ନତଧରଣର କର୍ମ ସମ୍ପାଦନର ଗୁରୁତ୍ୱ ପ୍ରକଟିତ ହୋଇଥାଏ। ସଂଗଠନର ସମସ୍ତ ସ୍ତରମାନଙ୍କରେ ଉଚ୍ଚମାନର କର୍ମସମ୍ପାଦନ ବିନା ଲକ୍ଷ୍ୟହାସଲ ଏବଂ ଉତ୍ପନ୍ନଶୀଳତାର ପ୍ରାପ୍ତି ଅତ୍ୟନ୍ତ କଷ୍ଟକର। ଯେତେବେଳେ ପ୍ରତ୍ୟେକ କର୍ମଚାରୀ ସେମାନଙ୍କର ବ୍ୟକ୍ତିଗତ ଲକ୍ଷ୍ୟହାସଲ କରିବେ ସେତେବେଳେ ହିଁ ସଂଗଠନଟିଏ ତାହାର ଉଦ୍ଦେଶ୍ୟମାନଙ୍କୁ ସଫଳତା ସହକାରେ ପୂରଣ କରିପାରିବ। ଏଣୁ, ବ୍ୟକ୍ତିର କାର୍ଯ୍ୟସମ୍ପାଦନ ନିମନ୍ତେ ଦାୟୀ କାରଣମାନଙ୍କୁ ଚିହ୍ନଟ ଗୁରୁତ୍ୱପୂର୍ଣ୍ଣ ଅଟେ। ବ୍ୟକ୍ତିର କାର୍ଯ୍ୟ ସମ୍ପାଦନ ହିଁ ଦୂର ଭବିଷ୍ୟତରେ ସଂଗଠନାତ୍ମକ ଉତ୍ପାଦନଶୀଳତା ଓ ଉତ୍କର୍ଷତାକୁ ନିର୍ଦ୍ଧାରଣ କରିଥାଏ।

### ଉତ୍କର୍ଷତା ଏବଂ ଉତ୍ପାଦନଶୀଳତାର ନିର୍ଦ୍ଧାରକ

ବ୍ୟକ୍ତିର କାର୍ଯ୍ୟ ସମ୍ପାଦନ ଏବଂ ତଦ୍‌ଜନିତ ଉତ୍ପାଦନଶୀଳତାକୁ ପ୍ରଭାବିତ କରୁଥିବା ଗୁରୁତ୍ୱପୂର୍ଣ୍ଣ କାରକମାନଙ୍କ ସମ୍ବନ୍ଧରେ ନିମ୍ନରେ ଆଲୋଚନା କରାଯାଇଛି:

### ୧) ଦକ୍ଷତା, ଅଭିରୁଚି ଓ ଆଗ୍ରହ:

ବ୍ୟକ୍ତିର ଦକ୍ଷତା, ଅଭିରୁଚି ଓ ଆଗ୍ରହ ସଦୃଶ ଗୁଣାବଳୀ ବହୁଳ ଭାବେ କର୍ମଚାରୀମାନଙ୍କର ସାମର୍ଥ୍ୟକୁ ନିର୍ଦ୍ଧାରଣ କରିଥାନ୍ତି। ଏହି ଗୁଣାବଳୀ ଅପେକ୍ଷାକୃତ ଭାବେ ଦୀର୍ଘସ୍ଥାୟୀ। ଅବଶ୍ୟ ତାଲିମ ମାଧ୍ୟମରେ ଏମାନଙ୍କର କିଛି ପରିବର୍ତ୍ତନ ସମ୍ଭବ ହୋଇପାରେ। ମନୁଷ୍ୟ ଗୁଣାବଳୀର ବିସ୍ତୃତି ଏବଂ ପରିମାପନର ବିଶଦ ପରୀକ୍ଷା ନିରୀକ୍ଷା ଏଠାରେ ଗୁରୁତ୍ୱପୂର୍ଣ୍ଣ ନୁହେଁ ବରଂ ଏହି ଗୁଣାବଳୀ କାର୍ଯ୍ୟ ପରିସରରେ ଉତ୍ପାଦନଶୀଳତା ଏବଂ ଉତ୍କର୍ଷତାକୁ ଯେଭଳି ପ୍ରଭାବିତ କରେ ତାହା ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ।

କର୍ମଚାରୀଙ୍କର ଦକ୍ଷତା ବିଭିନ୍ନ ଉପାୟରେ ଉତ୍ପାଦନ ଶୀଳତା ଏବଂ କାର୍ଯ୍ୟ ସମ୍ପାଦନକୁ ପ୍ରଭାବିତ କରିପାରେ। ଉଦାହରଣ ସ୍ୱରୂପ, ଲକ୍ଷ୍ୟ କରାଯାଇଛି ଯେ ପରିଚାଳନାଗତ ସଫଳତା ସହିତ ବୌଦ୍ଧିକ ଦକ୍ଷତା, ଯଥା: କଥା ବୁଝିବାର ଦକ୍ଷତା, ଯୁକ୍ତିଯୁକ୍ତ ବିଚାର ଦକ୍ଷତା, ସ୍ମରଣ ସାମର୍ଥ୍ୟର ନିବିଡ଼ ସଂପର୍କ ରହିଛି। ବାସ୍ତବରେ, ଏହା ଜାଣିବା ଉଚିତ ଯେ ସାଂଗଠନିକ କ୍ରମସୋପନର ଉଚ୍ଚତର ସ୍ତରରେ ପରିଚାଳନାଗତ କାର୍ଯ୍ୟସମ୍ପାଦନା ନିମନ୍ତେ ବୌଦ୍ଧିକ ଦକ୍ଷତା ଗୁରୁତ୍ୱପୂର୍ଣ୍ଣ ଅଟେ। ଏଥିରୁ ସୂଚନା ମିଳେ ଯେ ଉପଯୁକ୍ତ ଦକ୍ଷତା ଥିବା କର୍ମଚାରୀଙ୍କୁ ଚୟନ କରି ଏବଂ କାର୍ଯ୍ୟଭାର ପ୍ରଦାନ କରିବା ଅତ୍ୟନ୍ତ ଆହ୍ୱାନ ପୂର୍ଣ୍ଣ ଅଟେ। ଉଚ୍ଚତର ବୁଦ୍ଧିସମ୍ପନ୍ନ ବ୍ୟକ୍ତିମାନଙ୍କୁ ନିଯୁକ୍ତି ଦେଇ ଧରାବନ୍ଧା ଓ ଗତାନୁଗତିକ କାର୍ଯ୍ୟରେ ଅବସ୍ଥାପିତ କରାଗଲେ ସେମାନଙ୍କର କାର୍ଯ୍ୟ ଦକ୍ଷତାରେ ପରିବର୍ତ୍ତନ ଆସିବ ଏବଂ ଉତ୍ପାଦନଶୀଳତାରେ ମଧ୍ୟ ପ୍ରଭାବ ପକାଇବ। ଅଧିକନ୍ତୁ, ଉତ୍ପାଦନଶୀଳତା ନିମେନ୍ତ ବ୍ୟକ୍ତିର ବ୍ୟକ୍ତିତ୍ୱ ଓ ଆଗ୍ରହ ସହିତ ଭୂମିକାର ସଂଗତି ଥିବା ପ୍ରୟୋଜନ।

### ୨) ସ୍ପଷ୍ଟ ଭୂମିକା :

ଜଣେ ବ୍ୟକ୍ତି ତା' କାର୍ଯ୍ୟର ପ୍ରୟୋଜନୀୟତା ଓ ଉଦ୍ଦେଶ୍ୟମାନଙ୍କୁ ଯେଉଁ ମାତ୍ରାରେ ଉପଲବ୍ଧି କରିପାରେ ତାହାର ଲକ୍ଷ୍ୟପ୍ରେରିତ ଆଚରଣ ସେତେ ଅଧିକ ଶକ୍ତିଶାଳୀ ହେବ। ଅଧିକନ୍ତୁ, ଭୂମିକାର ସ୍ପଷ୍ଟତା ବ୍ୟକ୍ତିର ଲକ୍ଷ୍ୟପ୍ରତି ଅଙ୍ଗୀକାରବଦ୍ଧତା, ସଂପୃକ୍ତି ଏବଂ ଉତ୍ପାଦନଶୀଳତାକୁ ବୃଦ୍ଧିକରେ। ଭୂମିକା ସମ୍ବନ୍ଧୀୟ ଦୁଇଗୋଟି ସମସ୍ୟା ରହିଛି ଯାହାକି ଉତ୍ପାଦନଶୀଳତାକୁ ହ୍ରାସ କରିଥାଏ। ଦୂର ଭବିଷ୍ୟତରେ ସେଗୁଡ଼ିକ ହେଉଛନ୍ତି (କ) ଭୂମିକା ଅସ୍ପଷ୍ଟତା ଏବଂ (ଖ) ଭୂମିକାର ଦ୍ୱନ୍ଦ। ଗୋଟିଏ ସମୟରେ ବ୍ୟକ୍ତି ଦୁଇଟି ବା ଅଧିକ ପରସ୍ପର ବିରୋଧୀ ଭୂମକା ନିର୍ବାହ କରୁଥିଲେ ଭୂମିକା ଅସ୍ପଷ୍ଟତା ସୃଷ୍ଟି ହୁଏ। ଦୃଷ୍ଟାନ୍ତ ସ୍ୱରୂପ, ଅଧିକ ପରିମାଣରେ ଉତ୍ପାଦନ କରିବା ନିମନ୍ତେ ଉଚ୍ଚ ଅଧିକାରୀ ଜୋର୍ ଦେବା ବେଳେ ହୁଏତ ସହକର୍ମୀମାନେ ଉତ୍ପାଦନ ଶୀଳତାକୁ ବର୍ତ୍ତମାନ ସ୍ତରରେ ରଖିବାନିମନ୍ତେ ପ୍ରବର୍ତ୍ତାଇ ଥାନ୍ତି। ଏହା ହିଁ କର୍ମଚାରୀନିମନ୍ତେ ନିର୍ଦ୍ଧାରିତ ଭୂମିକା ସହିତ ଅନ୍ୟାନ୍ୟ ଦାବୀ ମାନଙ୍କର ଦ୍ୱନ୍ଦ ସୃଷ୍ଟିକରେ। ଏହି ଦନ୍ଦର ମାତ୍ରାନୁଯାୟୀ ସଂଗଠନର ଉତ୍ପାଦନଶୀଳତା ଉପରେ ଏକ ପ୍ରତ୍ୟକ୍ଷ ପ୍ରଭାବ ପଡ଼ିଥାଏ। ସୁତରାଂ, ଯେଉଁ ସଂଗଠନମାନେ ବ୍ୟକ୍ତିଗତ ଓ ଦଳଗତ ଲକ୍ଷ୍ୟ ମଧ୍ୟରେ ସଂଗତି ଆଣିବାର ପ୍ରୟାସ କରନ୍ତି ସେଠାରେ ଉଭୟ ପ୍ରକାରର ଦାବୀକୁ ପୂରଣ କରାଯାଇପାରେ ଏବଂ ଫଳତଃ ଦ୍ୱନ୍ଦର ଉପଶମ ହୋଇଥାଏ।

### ୩) କାର୍ଯ୍ୟସମ୍ପାଦନର ପରିବେଶ:

ଉତ୍ପାଦନଶୀଳତାର ବୃଦ୍ଧିନିମନ୍ତେ ପରିଚାଳକମାନେ କାର୍ଯ୍ୟସମ୍ପାଦନର ପରିବେଶ ଯେଉଁଠାରେ ଲକ୍ଷ୍ୟ ପ୍ରେରିତ କାର୍ଯ୍ୟାବଳୀ ସଂଘଟିତ ହୋଇଥାଏ ତାହାକୁ ଭଲରୂପେ ବୁଝିବାର ପ୍ରେୟୋଜନ ରହିଛି ଏବଂ ଆବଶ୍ୟକ ସ୍ଥଳେ ପରିବେଶକୁ ପରିବର୍ତ୍ତନ କରିବା ନିମନ୍ତେ ସମର୍ଥ ହେବା ମଧ୍ୟ ଜରୁରୀ। ଏହା କର୍ମଚାରୀର ଉଦ୍ୟମଶୀଳତା, ଓ କର୍ମ କୁଶଳତା ନିମନ୍ତେ ଏକ ଉପଯୁକ୍ତ ବାତାବରଣ ସୃଷ୍ଟିକରି ପରିଶେଷରେ ଉତ୍ପନ୍ନଶୀଳତା ଓ ଉତ୍କର୍ଷତାକୁ ନିଶ୍ଚୟ ବୃଦ୍ଧି କରିବ।

## ୨୨.୫ କାର୍ଯ୍ୟକ୍ଷେତ୍ରରେ ଉତ୍ପନ୍ନଶୀଳତାର ବିକାଶ ନିମନ୍ତେ କୌଶଳ

କାର୍ଯ୍ୟକ୍ଷେତ୍ରରେ ଉତ୍ପାଦନଶୀଳତାର ଅଭିବୃଦ୍ଧି ନିମନ୍ତେ ମୁଖ୍ୟତଃ ଚାରିଗୋଟି କୌଶଳ ରହିଅଛି : (୧) କର୍ମଚାରୀ ଚୟନ ଓ ପଦମଣ୍ଡନ (୨) ପ୍ରଶିକ୍ଷଣ ଓ ବିକାଶ (୩) କାର୍ଯ୍ୟସମ୍ପାଦନର ରୂପରେଖ ଏବଂ (୪) କାର୍ଯ୍ୟ ସମ୍ପାଦନର ମୂଲ୍ୟାୟନ ଓ ପ୍ରୋତ୍ସାହନ। ଏହିସବୁ କ୍ରିୟା ମିଳିତ ହୋଇ କାର୍ଯ୍ୟକ୍ଷେତ୍ରରେ ଉତ୍ପାଦନଶୀଳତାକୁ ଅଧିକ ସମୃଦ୍ଧ କରିପାରନ୍ତି। ଏହି ଅଧିକ ଉତ୍ପାଦନଶୀଳତାର ସାଂଗଠନିକ ଉତ୍କର୍ଷତା ନିମନ୍ତେ ଯଥେଷ୍ଟ ଅବଦାନ ରହିଅଛି। ଏହିସମସ୍ତ କୌଶଳ ମାନଙ୍କୁ ନିମ୍ନରେ ବ୍ୟାଖ୍ୟା କରାଯାଇଛି:

### (୧) କର୍ମଚାରୀ ଚୟନ ଓ ଅବସ୍ଥାପନ:

ଅଧିକ ସାମର୍ଥ୍ୟ ଓ କାର୍ଯ୍ୟକୁଶଳତା ଏବଂ ଉଚ୍ଚ ମାତ୍ରାର ଅଭିପ୍ରେରଣା ରହିଥିବା ବ୍ୟକ୍ତିମାନଙ୍କୁ କର୍ମଚାରୀଭାବେ ଚୟନ କରିବା ପରେ ଉପଯୁକ୍ତ କାର୍ଯ୍ୟରେ ସେମାନଙ୍କୁ ଅବସ୍ଥାପିତ କରି ସଂଗଠନ ମାନବସମ୍ବଳ ପରି ଏକ ପ୍ରାଥମିକ ଗୁଣର ବିକାଶ କରିପାରେ ଯାହାକି କାର୍ଯ୍ୟର ଉତ୍କର୍ଷତାକୁ ନିର୍ଦ୍ଧାରଣ କରି ଥାଏ। ଚୟନ ଓ ନୂତନଭାବେ ନିଯୁକ୍ତ କର୍ମଚାରୀମାନଙ୍କର ସାମାଜୀକରଣ ଓ ପ୍ରଶିକ୍ଷଣ ନିମନ୍ତେ ସହାୟକ ହୋଇଥାଏ। ଯଦି ଆବଶ୍ୟକ ପଡ଼େ ମନୋନୟନ ଓ ସାମାଜୀକରଣର ମିଳିତ ପ୍ରୟୋଗ ଦ୍ୱାରା ଉପଯୁକ୍ତ କର୍ମଚାରୀମାନଙ୍କୁ ଚିହ୍ନଟ କରାଯାଇପାରେ, ଫଳରେ ସାଂଗଠନିକ ସଫଳତା ନିଶ୍ଚୟ ହାସଲ ହୋଇପାରେ।

### (୨) ପ୍ରଶିକ୍ଷଣ ଓ ବିକାଶ:

ପ୍ରଶିକ୍ଷଣ ମାଧ୍ୟମରେ ବ୍ୟକ୍ତିର ବର୍ତ୍ତମାନର କାର୍ଯ୍ୟ ଦକ୍ଷତା ବୃଦ୍ଧି ହେବା ସହିତ ଭବିଷ୍ୟତର କାର୍ଯ୍ୟ ଦକ୍ଷତା ମଧ୍ୟ ସମୃଦ୍ଧ କରାଯାଇପାରେ। ବାସ୍ତବରେ ପ୍ରଶିକ୍ଷଣ ହେଉଛି କର୍ମଚାରୀମାନଙ୍କ (ପ୍ରତିଭାର ପୁଞ୍ଜି) ଉପରେ ଏକ ବିନିଯୋଗ ଯାହାକୁ ଭବିଷ୍ୟତରେ ଅମଳ କରାଯିବ। କର୍ମଚାରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବିଭିନ୍ନ ପ୍ରକାରର ହୋଇପାରେ, ଯେପରି ତଥ୍ୟ ଉପସ୍ଥାପନା କୌଶଳ (ବକ୍ତୃତା ପଦାନ), ଘଟଣା ବିଶ୍ଳେଷଣ, ଭୂମିକା ଅଭିନୟ ଇତ୍ୟାଦି।

### (୩) କାର୍ଯ୍ୟ ସମ୍ପାଦନର ଢ଼ାଞ୍ଚା:

କାର୍ଯ୍ୟ ସମ୍ପାଦନର ଢ଼ାଞ୍ଚା ଦୁଇଟି ସ୍ତରରେ ଉତ୍ପାଦନଶୀଳତା ଏବଂ ଉତ୍କର୍ଷତାକୁ ପ୍ରଭାବିତ କରିଥାଏ। ସାଧାରଣ ସ୍ତରରେ  କର୍ମଚ଼ାରୀ ନିମନ୍ତେ ଭିନ୍ନତାର ସୁଯୋଗ, ସ୍ୱାଧୀନତା, ଦାୟିତ୍ୱ, ପ୍ରତିପୁଷ୍ଟି, ଏବଂ କାର୍ଯ୍ୟ ଚିହ୍ନଟ (ବା କାର୍ଯ୍ୟସମ୍ପନ୍ନତା)ଇତ୍ୟାଦି ଉପାଦାନମାନେ କାର୍ଯ୍ୟ ସମ୍ପାଦନାକୁ ତ୍ୱରାନ୍ୱିତ କରନ୍ତି। ତତ୍ପରେ ଉଭୟ ବ୍ୟକ୍ତିବିଶେଷ ଓ ସଂଗଠନ ନିମନ୍ତେ ତାତ୍ପର୍ଯ୍ୟପୂର୍ଣ୍ଣ ହେଉଛି  କର୍ମଚ଼ାରୀର ଆବଶ୍ୟକତାର ଗୁରୁତ୍ୱ ଏବଂ ସଂଗଠନର ଲକ୍ଷ୍ୟ ମାନଙ୍କୁ ବୁଝି ତଦନୁସାରେ କାର୍ଯ୍ୟ ସମ୍ପାଦନା ଢ଼ାଞ୍ଚାର ପୁନଃଗଠନ କରିବା।

### (୪) କାର୍ଯ୍ୟ ସମ୍ପାଦନର ମୂଲ୍ୟାୟନ ଓ ପ୍ରୋତ୍ସାହନ:

ପରିଶେଷରେ, କର୍ମଚାରୀ ବ୍ୟବହାରକୁ ମାର୍ଗଦର୍ଶନ, ନିର୍ଦ୍ଦେଶ ଏବଂ ପ୍ରୋତ୍ସାହନ ଦେବାଲାଗି ବିଭିନ୍ନ ପଦ୍ଧତିମାନ ରହିଅଛି। କାର୍ଯ୍ୟ ସମ୍ପାଦନର ଔପଚାରିକ ମୂଲ୍ୟାୟନ ଏବଂ ଉପଯୁକ୍ତ ପ୍ରୋତ୍ସାହନ ପ୍ରଣାଳୀର ବ୍ୟବହାର ଏତାଦୃଶ ଦୁଇଗୋଟି ପଦ୍ଧତି ଅଟନ୍ତି।

### ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ୨୨.୨

**ନିମ୍ନୋକ୍ତ ଉକ୍ତିଗୁଡ଼ିକ ଠିକ୍ ବା ଭୁଲ୍ ଉଲ୍ଲେଖ କର:**

୧) କାର୍ଯ୍ୟ ଏକ ସାମାଜିକ ପ୍ରକ୍ରିୟା ଅଟେ।

୨) ସମସ୍ତ କାର୍ଯ୍ୟ ସାମାଜିକ ପାରସ୍ପରିକ କ୍ରିୟା ଆବଶ୍ୟକ କରିଥାଏ।

ଟିପ୍ପଣୀ

୩) ପ୍ରଭୁତ୍ୱମୁଖୀ ସଂପର୍କ କ୍ଷେତ୍ରରେ କର୍ମଚାରୀମାନେ ଲକ୍ଷ୍ୟ ଧାର୍ଯ୍ୟରେ ସଂପୂର୍ଣ୍ଣଭାବେ ଅଂଶଗ୍ରହଣ କରିଥାନ୍ତି।

୪) କାର୍ଯ୍ୟକ୍ଷେତ୍ରରେ ଅନ୍ତଃବୈକ୍ତିକ ସଂପର୍କର ବିକାଶକୁ ନିର୍ଦ୍ଧାରଣ କରିବାରେ ସଂଗଠନାତ୍ମକ ସାମାଜୀକରଣ ପ୍ରକ୍ରିୟା ଆବଶ୍ୟକ।

୫) ଭୂମିକାର ସ୍ୱଷ୍ଟତା କାର୍ଯ୍ୟରେ ଉତ୍ପାଦନଶୀଳତା ବୃଦ୍ଧିକରେ।

## ତୁମେ ଯାହା ଶିକ୍ଷାଲାଭ କଲ

- ସଂଗଠନ ଏକ ସାମାଜିକ ସଂସ୍ଥା ଯାହାକି ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ନିମନ୍ତେ ଗଠନ କରାଯାଇଥାଏ।
- ସଂଗଠନ ଏକ ଉନ୍ମୁକ୍ତ ବ୍ୟବସ୍ଥା ଭାବେ ପରିବେଶରୁ ପ୍ରତିପୁଷ୍ଟି ପାଇଥାଏ ଏବଂ ପରିବେଶର ଆହ୍ୱାନ ଓ ପ୍ରତ୍ୟାଶା ଗୁଡ଼ିକୁ ପୂରଣ କରିବା ନିମନ୍ତେ ପଦକ୍ଷେପ ନେଇଥାଏ।
- ସଂଗଠନମାନଙ୍କର କେତେଗୁଡ଼ିଏ ଅଙ୍ଗ ବା ଉପପ୍ରଣାଳୀ ରହିଛି, ଯଥା: ଆଭିମୁଖ୍ୟ ଉପପ୍ରଣାଳୀ, ବୈଷୟିକ ଉପପ୍ରଣାଳୀ, ପରିଚାଳନାଗତ ଉପପ୍ରଣାଳୀ, ଗଠନଗତ ଉପପ୍ରଣାଳୀ, ମାନସିକ ଉପପ୍ରଣାଳୀ।
- ସାଂଗଠନିକ ବାତାବରଣ ହେଉଛି ଏପରି କିଛି ବୈଶିଷ୍ଟ୍ୟର ସମାହାର ଯାହା ଏକ ସଂଗଠନକୁ ବର୍ଣ୍ଣନାକରେ ଏବଂ ଅନ୍ୟ ସଂଗଠନରୁ ପୃଥକ କରେ। ଏହି ବୈଶିଷ୍ଟ୍ୟମାନ ଅପେକ୍ଷାକୃତ ଭାବେ ଦୀର୍ଘକାଳ ପର୍ଯ୍ୟନ୍ତ ସ୍ଥାୟୀ ଏବଂ ସଂଗଠନର ସଦସ୍ୟମାନଙ୍କ ବ୍ୟବହାରକୁ ଏମାନେ ପ୍ରଭାବିତ କରିଥାନ୍ତି।
- ଅନେକ କାରକ ସଂଗଠନର ବାତାବରଣର ସ୍ୱରୂପକୁ ନିର୍ଦ୍ଧାରଣ କରନ୍ତି। ଏମାନଙ୍କ ମଧ୍ୟରେ ସଂଗଠନର ରୂପରେଖ, ବୈଷୟିକ ପଦ୍ଧତି, ବାହ୍ୟପରିବେଶ, ପରିଚଳନାଗତ ନୀତି ଓ ରୀତି ଆଦି ଅନ୍ତର୍ଭୁକ୍ତ।
- ସଂଗଠନରେ ପାରସ୍ପରିକ ସଂପର୍କର ସଫଳତା ଯୋଗାଯୋଗ ଉପରେ ନିର୍ଭର କରେ।
- ଉତ୍କର୍ଷତା ହାସଲ କରିବା ନିମନ୍ତେ ସଂଗଠନ ଉତ୍ପାଦନଶୀଳ ହେବା ସହ ସର୍ବନିମ୍ନ ମୂଳଖର୍ଚ୍ଚରେ ଆୟାତ ଉପାଦାନକୁ ଉତ୍ପାଦ ସାମଗ୍ରୀରେ ପରିଣତ କରିବା ଆବଶ୍ୟକ।
- ଦକ୍ଷତା, ଅଭିରୁଚି ଓ ଆଗ୍ରହ, ଭୂମିକାର ସ୍ୱଷ୍ଟତା ଏବଂ କାର୍ଯ୍ୟସମ୍ପାଦନର ପରିବେଶ ଭଳି କାରକମାନେ ଉତ୍ପାଦନଶୀଳତା ଏବଂ ଉତ୍କର୍ଷତାକୁ ପ୍ରଭାବିତ କରିଥାନ୍ତି।
- କାର୍ଯ୍ୟସ୍ଥଳରେ ଉତ୍ପାଦନଶୀଳତାକୁ ବୃଦ୍ଧିକରିବାର କୌଶଳଗୁଡ଼ିକ ହେଉଛନ୍ତି କର୍ମଚାରୀ ଚୟନ ଓ ଅବସ୍ଥାପନ, ପ୍ରଶିକ୍ଷଣ ଓ ବିକାଶ, କାର୍ଯ୍ୟସଂପାଦନ ଢ଼ାଞ୍ଚା, କାର୍ଯ୍ୟ ସମ୍ପାଦନର ମୂଲ୍ୟାୟନ ଓ ପ୍ରେତ୍ସାହନ।

## ଅନ୍ତିମ ପ୍ରଶ୍ନାବଳୀ

୧. ସଂଗଠନର ଯେକୌଣସି ଦୁଇଗୋଟି ଉପଶୃଙ୍ଖଳାର ବର୍ଣ୍ଣନା କର।

୨. ସାଂଗଠନିକ ବାତାବରଣର ନିର୍ଦ୍ଧାରକମାନଙ୍କର ଏକ ତାଲିକା ପ୍ରସ୍ତୁତ କର ଏବଂ ସେଥିରୁ ଯେ କୌଣସି ଦୁଇଗୋଟିର ବ୍ୟାଖ୍ୟାକର।

୩. ଯେ କୌଣସି ଦୁଇଟି ବିଷୟରେ ସଂକ୍ଷିପ୍ତ ଟିପ୍ପଣି ଲେଖ:

କ) ସହକର୍ମୀଙ୍କ ସହିତ ସଂପର୍କ

ଖ) କାର୍ଯ୍ୟକ୍ଷେତ୍ରରେ ଉତ୍ପାଦନଶୀଳତା ଓ ଉତ୍କର୍ଷତା

(ଗ) କାର୍ଯ୍ୟସ୍ଥଳରେ ଉତ୍ପାଦନଶୀଳତାର ବିକାଶ ନିମନ୍ତେ କୌଶଳ।

## ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ନିମନ୍ତେ ଉତ୍ତର

### ୨୨.୧

୧. ସଂଗଠନ ଏକ ସାମାଜିକ ସଂସ୍ଥା ଯାହାକି ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ନିମନ୍ତେ ଗଠନ କରାଯାଇଥାଏ।

୨. ମାନବ ସମ୍ବଳ, ପୁଞ୍ଜି, ବୈଷୟିକ କୌଶଳ, କଞ୍ଚାମାଲ୍, ତଥ୍ୟ (ଯେ କୌଣସି ଦୁଇଟି)।

୩. ଲକ୍ଷ୍ୟ ଉପପ୍ରଣାଳୀ, ବୈଷୟିକ ଉପପ୍ରଣାଳୀ, ପରିଚାଳନା ଉପପ୍ରଣାଳୀ, ଗଠନଗତ ଉପପ୍ରଣାଳୀ (ଯେ କୌଣସି ତିନିଗୋଟି)।

### ୨୨.୨

୧) ସତ୍ୟ

୨) ସତ୍ୟ

୩) ମିଥ୍ୟା

୪) ସତ୍ୟ

୫) ସତ୍ୟ

## ଅନ୍ତିମ ପ୍ରଶ୍ନାବଳୀ ନିମନ୍ତେ ସୂଚନା

୧. ଭାଗ ୨୨.୧ର ସହାୟତା ନିଅ।

୨. ଭାଗ ୨୨.୨ର ସହାୟତା ନିଅ।

୩. ଭାଗ ୨୨.୩ର ସହାୟତା ନିଅ।

୪. ଭାଗ ୨୨.୪ର ସହାୟତା ନିଅ।

୫. ଭାଗ ୨୨.୫ର ସହାୟତା ନିଅ।

# ୨୩

# ପରିବେଶଗତ ଚାପ

ଆମର ସୁସ୍ଥତାକୁ ନିର୍ଦ୍ଧାରଣ କରିବାରେ ପରିବେଶ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । ଆମେ ଏକ ପରିବେଶ ମଧ୍ୟରେ ବାସକରେ ଏବଂ ଆମ ଜୀବନର ମାନ ପରିବେଶର ଗୁଣବତ୍ତା ଉପରେ ନିର୍ଭର କରେ। ଆଜିକାଲି ବିଭିନ୍ନ ପ୍ରକାରର ପ୍ରଦୂଷଣ (ଯଥା: ଜଳ, ବାୟୁ) ମଧ୍ୟ ମାନସିକ ଚାପ ସୃଷ୍ଟି କରୁଛି। ତୁମେ ଏହା ଜାଣିଛ ଯେ ଅଧିକାଂଶ ରୋଗ ଆମେ ବସବାସ କରୁଥିବା ପରିବେଶ ମଧ୍ୟରୁ ଜନ୍ମ ନେଇଥାଏ। ଏହି ଅଧ୍ୟାୟରେ ଆମ ପରିବେଶ ଭିତରେ ରହିଥିବା ଚାପସୃଷ୍ଟିକାରୀ କାରକ ମାନଙ୍କର ଅଧ୍ୟୟନ କରିବା। ଏହା ସହିତ ସେମାନଙ୍କର ମେନାବୈଜ୍ଞାନିକ ପ୍ରଭାବ ଏବଂ ସେମାନଙ୍କୁ ଦୂର କରିବାର କେତେକ ଉପାୟର ବିଶ୍ଳେଷଣ ମଧ୍ୟ କରିବା।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟଟିକୁ ପଢ଼ିବା ପରେ ତୁମେ ସକ୍ଷମ ହେବ:

- ମନୁଷ୍ୟ-ପରିବେଶର ପାରସ୍ପରିକ କ୍ରିୟା ସମ୍ବନ୍ଧୀୟ ବିଭିନ୍ନ ନମୁନାର ବ୍ୟାଖ୍ୟା କରିବା।
- ପରିବେଶଗତ ଚାପର ବିଭିନ୍ନ ଦିଗର ଉଲ୍ଲେଖ କରିବା।
- ପରିବେଶଗତ ଚାପକୁ କିପରି ପରିଚାଳନା କରାଯାଇପାରେ ତାହାର ବର୍ଣ୍ଣନା କରିବା ଏବଂ
- 'ପରିବେଶ ଉପଯୋଗୀ ବ୍ୟବହାର' ଭଳି ପ୍ରତ୍ୟୟର ଓ ନିରନ୍ତର ବିକାଶର ବ୍ୟାଖ୍ୟା କରିବା।

## ୨୩.୧ ପରିବେଶଗତ ଚାପ

ଏକବିଂଶ (୨୧) ଅଧ୍ୟାୟରେ ତୁମେ ଚାପ ଓ ଏହାର ବିଭିନ୍ନ ପ୍ରଭାବ ଅଧ୍ୟୟନ କରିଛ। ତୁମର ମନେଥାଇ ପାରେ ଯେ ଚାପ ହେଉଛି କୌଣସି ଶାରୀରିକ ବା ଆବେଗିକ ଅବସ୍ଥା ଯାହା ଶାରୀରିକ ବା ମାନସିକ ଉତ୍ତେଜନାର କାରଣ ହୋଇଥାଏ। ସେହିପରି ପରିବେଶଗତ ଚାପକୁ ବ୍ୟକ୍ତି ଏବଂ ପରିବେଶ ମଧ୍ୟରେ ଏକ ଅବାଞ୍ଛନୀୟ ସଂଚାଳନ ପ୍ରକ୍ରିୟା ଭାବେ ସଂଜ୍ଞା ପ୍ରଦାନ କରାଯାଇପାରେ। ପରିବେଶଗତ ଉପାଦାନମାନେ ଆମଠାରୁ ଯାହା ଦାବୀ କରନ୍ତି ସେଗୁଡ଼ିକ ପରିବେଶଗତ ଚାପର ଉତ୍ସ ଅଟନ୍ତି। ପରବେଶଗତ ଚାପର ଉତ୍ତମ ଉପଲବ୍ଧି ନିମନ୍ତେ ମନୁଷ୍ୟ-ପରିବେଶ ସଂପର୍କ ସମ୍ବନ୍ଧୀୟ କେତେକ ପ୍ରସଙ୍ଗ କୁ ଜାଣିବା ଆବଶ୍ୟକ।

ପୁର୍ବରୁ ସୁଚନା ଦିଆଯାଇଅଛି ଯେ ମନୁଷ୍ୟ ବ୍ୟବହାର ବହୁଳ ଭାବରେ ତା'ର ପରିବେଷ୍ଟନୀଦ୍ୱାରା ପ୍ରଭାବିତ ହୋଇଥାଏ। ପରିବେଷ୍ଟନୀ ମଧ୍ୟରେ ଆମେ ବାସ କରୁଥିବା ଓ ଅନ୍ୟମାନଙ୍କ ସହିତ ପାରସ୍ପରିକ କ୍ରିୟା କରୁଥିବା ଭୌତିକ ଜଗତ ଏବଂ ସାମାଜିକ-ସାଂସ୍କୃତିକ ବାତାବରଣ ଅନ୍ତର୍ଭୁକ୍ତ। ପରିବେଶ ମନୋବିଜ୍ଞାନ ମୁଖ୍ୟତଃ

ଟିପ୍ପଣୀ

ଆଚରଣ ଉପରେ ପରିବେଶର ବିବିଧ ପ୍ରଭାବ ଅନୁଧ୍ୟାନ କରେ। ସମୟେ ସମୟେ ମନୁଷ୍ୟ ଏବଂ ପରିବେଶର ସମ୍ପର୍କ ମଧ୍ୟରେ କିଏ ଉତ୍କୃଷ୍ଟ ତାହା ଜାଣିବାଲାଗି ଆମେ ଇଚ୍ଛାକରେ। ଆମ୍ଭେମାନେ ସମ୍ବାଦପତ୍ରରେ ଚନ୍ଦ୍ରାଲୋକ କୁ ଯାତ୍ରା, କୃତ୍ରିମ ମନୁଷ୍ୟ ନିର୍ମାଣ ପରି ପ୍ରକୃତି ଉପରେ ମାନବ ଜାତିର ଅସାଧାରଣ କୃତିତ୍ୱ ବିଷୟରେ ପଢ଼ିଥାଏ। ତେବେ ମନୁଷ୍ୟ ଯେ ପ୍ରକୃତିକୁ ସଂପୂର୍ଣ୍ଣ ନିୟନ୍ତ୍ରଣ କରିପାରେ, ଏହା କ'ଣ ସତ୍ୟ? ତାହା ହେଲେ ଯେଉଁ ପ୍ରାକୃତିକ ବିପର୍ଯ୍ୟୟ ମନୁଷ୍ୟର ଜୀବନ ନେଇଥାଏ, ସେଥିପାଇଁ ଜଣେ କ'ଣ ଉତ୍ତର ଦେବ?

ଏହି ସମସ୍ତ ପ୍ରଶ୍ନର ଉତ୍ତର ଜାଣିବା ନିମନ୍ତେ ମନୁଷ୍ୟ-ପରିବେଶ ସଂପର୍କ ସମ୍ବନ୍ଧରେ ବୁଝିବାକୁ ପ୍ରୟାସ କରିବା। ଏହି ପରିପ୍ରେକ୍ଷୀରେ କେତକ ଦୃଷ୍ଟିଭଙ୍ଗୀର ବିଶଦ ଆଲୋଚନା କରାଯାଇଛି।

### (କ) ପ୍ରକୃତି ନିୟନ୍ତ୍ରଣରେ ମନୁଷ୍ୟ:

ଇତିହାସର ପ୍ରାରମ୍ଭିକ କାଳରେ ପରିବେଶ ପ୍ରତି ମନୁଷ୍ୟ ଜାତିର ଏକ ଭିନ୍ନ ଦୃଷ୍ଟିକୋଣ ରହିଥିଲା। ପ୍ରକୃତି ମନୁଷ୍ୟକୁ ନିୟନ୍ତ୍ରଣ କରିଛି ବୋଲି ବିଶ୍ୱାସ ଥିଲା। ପ୍ରକୃତିର ବିଭିନ୍ନ ଅଂଶକୁ ଅଲୌକିକ ବୋଲି ବିବେଚନା କରାଯାଉଥିଲା ଏବଂ ସେଗୁଡ଼ିକ ପୂଜିତ ହେଉଥିଲେ। ଏହି ଦୃଷ୍ଟିଭଙ୍ଗୀ ଅଦ୍ୟାପି ମଧ୍ୟ କେତେକ ସଂସ୍କୃତିରେ ରହିଛି। ସୂର୍ଯ୍ୟ, ଚନ୍ଦ୍ର, ତାରକା, ଜୀବଜନ୍ତୁ, ପକ୍ଷୀ, ବୃକ୍ଷଲତା ଆଦିର ପୂଜାକରାଯାଏ ଏବଂ ସେଗୁଡ଼ିକ ପ୍ରତି ଭୟ କରାଯିବା ଉଚିତ ବୋଲି ବିଚାର କରାଯାଏ। ଆଧୁନିକ ବିଜ୍ଞାନ ଦୃଷ୍ଟିରେ ଏପରି ଚିନ୍ତାଧାରାର କୌଣସି ସ୍ଥାନ ନାହିଁ ବରଂ ଭୌତିକରୂପୀ ବାସ୍ତବତା ବର୍ତ୍ତମାନ ତାତ୍ପର୍ଯ୍ୟପୂର୍ଣ୍ଣ ଏବଂ ମାନବୀୟ ଦକ୍ଷତାକୁ ଅଧୁନା ଅଧିକ ଗୁରୁତ୍ୱ ଦିଆଯାଏ। ଏଥିରୁ ମନୁଷ୍ୟ ସପକ୍ଷରେ ଅନ୍ୟ ଏକ ଚିନ୍ତାଧାରା ଜନ୍ମନେଲା, ତାହା ହେଉଛି ପ୍ରକୃତି ଉପରେ ନିୟନ୍ତ୍ରଣ ବା ପ୍ରଭାବ।

### (ଖ) ପ୍ରକୃତି ଉପରେ ମନୁଷ୍ୟର ନିୟନ୍ତ୍ରଣ:

ବିଜ୍ଞାନ ଏବଂ ବୈଷୟିକ ପ୍ରଗତି ଫଳରେ ପ୍ରକୃତିକୁ ଆଉ ଭୟରକାରଣରୂପେ ବିଚାର କରାଯାଉ ନାହିଁ। ବୈଜ୍ଞାନିକ ମାନଙ୍କ ଦ୍ୱାରା ଜୀବନର ବିଭିନ୍ନ ଦିଗ ଉପରେ ପରୀକ୍ଷା ନିରୀକ୍ଷା କରାଗଲା। ଆମ୍ଭେମାନେ ବୃକକ୍ ପ୍ରତିରୋପଣ, ହୃତପିଣ୍ଡର ଅସ୍ତ୍ରୋପଚାର ଆଦି ବିଷୟରେ ଶୁଣିଛେ। ସେହିପରି ଆଜିକାଲି ଆମେ ଦେଖୁଛେ ବର୍ଷର ଏକ ନିର୍ଦ୍ଦିଷ୍ଟ ସମୟରେ ଉତ୍ପାଦିତ ହେଉଥିବା ପନିପରିବା ବର୍ଷତମାମ୍ ମିଳି ପାରୁଛି। ଜୀବତାତ୍ତ୍ୱିକ ଇଂଜିନୟରିଂ ଶସ୍ୟ ଉତ୍ପାଦନ ଓ ଭେଷଜକ୍ଷେତ୍ରରେ ଅନେକ ପରିବର୍ତ୍ତନ ଆଣିଛି। ମନୁଷ୍ୟଜୀବନରେ ତାତ୍ପର୍ଯ୍ୟପୂର୍ଣ୍ଣ ଭାବେ ଉନ୍ନତି ସାଧିତ ହୋଇଛି ସତ, ତଥାପି କିନ୍ତୁ କେତେକ ପ୍ରଶ୍ନ ଅସମାହିତ ରହିଗଲା ପରି ମନେ ହେଉଛି। ଧ୍ୱଂସକାରୀ ଭୂମିକମ୍ପ ଓ ବିଶ୍ୱର ଉତ୍ତାପ ବୃଦ୍ଧି ଦ୍ୱାରା ଜଳବାୟୁରେ ପରିବର୍ତ୍ତନ ଏବଂ ଓଜୋନ୍ ସ୍ତର ହ୍ରାସ ବର୍ତ୍ତମାନ ବିରାଟ ଚିନ୍ତାର କାରଣ ହୋଇଛି। ଆଣବିକ ଯୁଦ୍ଧ ପୃଥିବୀ ପ୍ରତି ଏକ ଅବିରତ ବିପଦ। ଏ ସମସ୍ତ ସମସ୍ୟାମାନ ପରିବେଶ ସମ୍ବନ୍ଧରେ ଏକ ଭିନ୍ନଚିନ୍ତାଧାରା ଆଡ଼କୁ ବାଟ କଢ଼ାଇନେଇଛି, ତାହା ହେଉଛି ମନୁଷ୍ୟ ଏବଂ ପରିବେଶ ମଧ୍ୟରେ ସନ୍ତୁଳନର ସମର୍ଥନ।

### (ଗ) ପ୍ରକୃତି ଓ ମନୁଷ୍ୟର ଶାନ୍ତିପୂର୍ଣ୍ଣ ସହାବସ୍ଥାନ:

'ତୈଳସମ୍ପଦର ସଂରକ୍ଷଣ', 'ବୃକ୍ଷ ରୋପଣକର', 'ଜଳ ବଞ୍ଚାଅ' ପରି ଆମେ ସ୍ଲୋଗାନ ଦେଇଆସିଛୁ, କିନ୍ତୁ ଏହା କାହିଁକି କୁହାଯାଇଛି ତାହା କେବେ ଚିନ୍ତାକରିଛ କି? ଆମ ପରିବେଶରେ ସଂଘଟିତ ଅନେକ ଗୁଡ଼ିଏ ପରିବର୍ତ୍ତନ ନିମନ୍ତେ ମନୁଷ୍ୟ ଜାତି ଦାୟୀ ବୋଲି ତୁମେ ଜାଣ କି? ମନୁଷ୍ୟଜାତି ଏବଂ ପ୍ରକୃତି ସଦାସର୍ବଦା ପରସ୍ପରର ନିର୍ଭରଶୀଳ ହୋଇ ରହିଆସିଛି। ଅର୍ଥାତ୍ କେହି ଅନ୍ୟବିନା ସ୍ୱୟଂସଂପୂର୍ଣ୍ଣ ନୁହଁନ୍ତି। ମନୁଷ୍ୟ ପ୍ରକୃତିରୁ ବିଭିନ୍ନ ରୂପେ ବହୁକିଛି ହାସଲ କରେ ଏଣୁ ପ୍ରକୃତି ନିମନ୍ତେ ଏକ କର୍ତ୍ତବ୍ୟବୋଧ ସୃଷ୍ଟି ହେବାର ଆବଶ୍ୟକତା ଆସିଛି। ଲୋକମାନେ ବର୍ତ୍ତମାନ ଲୁଣ୍ଠନ କରିଚାଲିଛନ୍ତି। ତୈଳ, କୋଇଲା ପରି ଅନେକ ପ୍ରାକୃତିକ ସଂପଦର ଭରଣାକରାଯାଇପାରେନା, ଏଣୁ ସେ ସବୁର ଅପଚୟ କରାଯିବା ଉଚିତ ନୁହେଁ।

ଅନ୍ଧଭାବେ ପ୍ରକୃତିର ଲୁଣ୍ଠନ କାରଣରୁ ସୃଷ୍ଟ ଅସନ୍ତୁଳନର ପରିଣତି ହେଉଛି ବିଭିନ୍ନ ପ୍ରକାରର ପ୍ରଦୂଷଣ ଏବଂ ଜୀବନପ୍ରତି ବିପଦ। ପରବର୍ତ୍ତୀ ପର୍ଯ୍ୟାୟରେ ତୁମେ ବିଭିନ୍ନ ପ୍ରକାରର ପ୍ରଦୂଷଣ ଏବଂ ସେମାନଙ୍କର ପ୍ରଭାବ ବିଷୟରେ ଅଧିକ ଜାଣିବ। ମନୁଷ୍ୟର ହସ୍ତକ୍ଷେପ ଦ୍ୱାରା ବାୟୁ, ଜଳ ଓ ଖାଦ୍ୟରଗୁଣବତ୍ତା ପ୍ରଭାବିତ ହୋଇଥାଏ।

## ପରିବେଶଗତ ଋପ

ମନୁଷ୍ୟ ଜାତି ଏବଂ ପ୍ରକୃତି ମଧ୍ୟରେ ଏକ ନିର୍ଭରଶୀଳ ସଂପର୍କ ହେଉଛି ଏକ ସନ୍ତୁଳିତ ଦୃଷ୍ଟଭଂଗୀ। ଏହା ଆମକୁ କହେ ଯେ ଆମେ ଆମର ସୀମାୟନକୁ ଜାଣିବା ଏବଂ ଆମର କାର୍ଯ୍ୟ ଦ୍ୱାରା ଅନ୍ଧଭାବରେ ପରିବେଶର କ୍ଷତି ଘଟାଇବା ନାହିଁ। ଏହା ଦୁହିଁଙ୍କ ମଧ୍ୟରେ ଥିବା ପ୍ରାକୃତିକ ଅନ୍ତଃନିର୍ଭରଶୀଳତାକୁ ସ୍ୱୀକାର କରିଥାଏ।

## ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ୨୩.୧

୧. ପରିବେଶ କଣ ?

_______________

୨. ମନୁଷ୍ୟ ଜାତି ଓ ପରିବେଶ ମଧ୍ୟରେ ନିର୍ଭରଶୀଳ ସଂପର୍କ କହିଲେ କ'ଣ ବୁଝାଏ।

_______________

## ୨୩.୨ ପ୍ରଦୂଷଣ ସମସ୍ୟା

ଏ ପର୍ଯ୍ୟନ୍ତ ଆମ୍ଭେମାନେ ମନୁଷ୍ୟ ଓ ପରିବେଶ ମଧ୍ୟରେ ଥିବା ସଂପର୍କର ବିଭିନ୍ନ ଦୃଷ୍ଟିଭଂଗୀମାନଙ୍କୁ ଅଧ୍ୟୟନ କଲେ। ଲକ୍ଷ୍ୟକଲେ ଜଣାପଡ଼ିବ ଯେ, ପରିବେଶ ମନୁଷ୍ୟ ଜୀବନ ଉପରେ ସୁରକ୍ଷାଗତ ପ୍ରଭାବ ପକାଇବା ସହ କ୍ଷତିକାରକ ପ୍ରଭାବ ମଧ୍ୟ ପକାଇପାରେ। ଏହି ଭାଗରେ ଆମ୍ଭେମାନେ ପରିବେଶଗତ ଚାପର ବିଭିନ୍ନ ଦିଗ ବା ଚାପକ ମାନଙ୍କ ସମ୍ବନ୍ଧରେ ଅଧ୍ୟୟନ କରିବା। ବିଭିନ୍ନ ପ୍ରକାରର ପ୍ରଦୂଷଣକୁ ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ ଓ ଶବ୍ଦ ପ୍ରଦୂଷଣ ଭାବେ ବର୍ଗୀକରଣ କରାଯାଇପାରେ। ପ୍ରଥମେ ପ୍ରଦୂଷଣ କ'ଣ ଜାଣିବା। ପ୍ରଦୂଷଣ ହେଉଛି ବାୟୁ, ଭୂମି ଓ ଜଳର ଭୌତିକ, ରାସାୟନିକ ବା ଜୈବିକ ଗୁଣବତ୍ତାର ଏକ ଅବାଞ୍ଛିତ ପରିବର୍ତ୍ତନ ଯାହାକି ଜୀବନ ପ୍ରତି ହାନିକାରକ ପ୍ରଭାବ ସୃଷ୍ଟିକରେ। ଏହା ପରିବେଷ୍ଟନୀରେ ଏକ ପ୍ରତିକୂଳ ସଂପନ୍ନ ପରିବର୍ତ୍ତନ ଯାହାକି ଅଧିକାଂଶଭାବେ ମନୁଷ୍ୟ ଆଚରଣ ଯୋଗୁଁ ସୃଷ୍ଟି ହୁଏ। ବାୟୁ କିମ୍ବା ଜଳ ସଦୃଶ ମାଧ୍ୟମମାନଙ୍କରେ କୌଣସି ବାହ୍ୟ ବିଷାକ୍ତ ଦ୍ରବ୍ୟ ପ୍ରବେଶ କରିବା ଯୋଗୁଁ ଏଭଳି ହୋଇଥାଏ। ତଦ୍ୱାରା ମାନବ ଓ ପ୍ରାଣୀ ଜଗତ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥାଏ। ବିଭିନ୍ନ ପ୍ରକାରର ପ୍ରଦୂଷଣମାନଙ୍କୁ ନିମ୍ନରେ ଆଲୋଚନା କରାଯାଇଛି।

୧. ବାୟୁ ପ୍ରଦୂଷଣ

୨. ଜଳ ପ୍ରଦୂଷଣ

୩. ଶବ୍ଦ ପ୍ରଦୂଷଣ

୪. ଜନଗହଳି

୫. ସବୁଜ ଗୃହ ପ୍ରଭାବ

### ୧. ବାୟୁ ପ୍ରଦୂଷଣ

ଭୋପାଳରେ ଘଟିଥିବା ଗ୍ୟାସ୍ ଦୁର୍ଘଟଣା ଲୋକମାନେ ଭୁଲିନାହାନ୍ତି। ବିଷାକ୍ତ ମିଥାଇଲ୍ ଆଇସୋସିଆନେଟ୍ ଗ୍ୟାସ ନିର୍ଗତ ହୋଇ ଜୀବନ ନିମନ୍ତେ ଅତ୍ୟାବଶ୍ୟକ ବାୟୁରେ ମିଶିବା ଫଳରେ ହଜାର ହଜାର ନିରୀହ ଲୋକେ ମୃତ୍ୟୁବରଣ କରିଥିଲେ। ଆଜିସୁଦ୍ଧା ଏହାର କୁ ପ୍ରଭାବ ଯୋଗୁଁ ନବଜାତ ଶିଶୁ ଏବଂ ବୟସ୍କ ଲୋକେ ଶ୍ୱାସ, କଫ, ଏବଂ ଚକ୍ଷୁରୋଗର ଶିକାର ହେଉଛନ୍ତି।

**ବାୟୁ ପ୍ରଦୂଷଣ ଓ ସ୍ୱାସ୍ଥ୍ୟ**

ବାୟୁ ପ୍ରଦୂଷଣ ଜନିତ ସ୍ୱାସ୍ଥ୍ୟଗତ ବିପତ୍ତି ସର୍ବବିଦିତ। ଆକଳନ କରାଯାଇଛି ଯେ ୫୦ରୁ ୯୦ ପ୍ରତିଶତ କର୍କଟ ରୋଗର କାରଣ ହେଉଛି ବାୟୁ ପ୍ରଦୂଷଣ। ଅନ୍ୟାନ୍ୟ ପ୍ରକାରର ଅସୁସ୍ଥତା ମଧ୍ୟରେ ମୂର୍ଚ୍ଛାରୋଗ, ସ୍ମରଣ ହାନି, ଦୃଷ୍ଟି ଓ ଶ୍ରବଣ ଜନିତ ହାନି ଏବଂ ଶ୍ୱାସ ରୋଗ ଅନ୍ତର୍ଭୁକ୍ତ।

ତୁମେ ଯଦି କେବେ ଦିଲ୍ଲୀ, କାନପୁର, ମୁମ୍ବାଇ, କୋଲକାତା ପରି ମହାନଗରୀକୁ ଯାଇଥିବ କିମ୍ବା ସେଠାରେ ରହିଥିବ ତେବେ ତୁମ ଚକ୍ଷୁ, ନାକ ଏବଂ ଗଳାରେ ଜ୍ୱାଳା ଅନୁଭବ କରିଥିବ। ଏକ ଜ୍ୱାଳା ସମ୍ବେଦନାକୁ ଚକ୍ଷୁରେ ଅନୁଭବ କରାଯାଇପାରେ। ତୁମେ ଏସବୁ ନଗରୀମାନଙ୍କରୁ ଗ୍ରାମାଞ୍ଚଳକୁ ଯାତ୍ରାକଲେ ବାୟୁର ମନ୍ଦଗୁଣ କ'ଣ ତାହା ଅନୁଭବ କରିପାରିବ। ବାୟୁ ପ୍ରଦୂଷଣର ସଂଜ୍ଞା ନିରୁପଣ କରିବାକୁ ଯାଇ କୁହାଯାଇପାରେ ଯେ ଏହା ବାୟୁର ଗୁଣବତ୍ତାରେ ଏପରି ଏକ ଅସନ୍ତୁଳନ ଯାହାକି ସଜୀବ ପ୍ରାଣୀମାନଙ୍କ ନିମନ୍ତେ କ୍ଷତିକାରକ ପ୍ରଭାବ ଆଣିଥାଏ। ଏହା ନିର୍ଦ୍ଦିଷ୍ଟ କେତେକ ଗ୍ୟାସର ଅତ୍ୟଧିକ ମାତ୍ରାର ଉପସ୍ଥିତି ଏବଂ ଭାସମାନ କ୍ଷୁଦ୍ର କଣିକା ମାନଙ୍କ ଯୋଗୁଁ ସଂଘଟିତ ହୋଇଥାଏ। ବାୟୁ ସମସ୍ତ ସଜୀବମାନଙ୍କ ନିମନ୍ତେ ଆବଶ୍ୟକ ଅମ୍ଳଜାନର ବାହକ ଅଙ୍ଗାରକାମ୍ଳ, ନାଇଟ୍ରସ ଅକ୍ସାଇଡ୍, ସଲଫର ଡ଼ାଇଅକ୍ସାଇଡ୍ ପରି ଗ୍ୟାସ ଏବଂ ସୀସା ସମେତ ଭାସମାନ କଣିକାମାନେ ମୁଖ୍ୟ ପ୍ରଦୂଷକ ଅଟନ୍ତି। ଏଗୁଡିକ କେବଳ ଜ୍ୱାଳାର କାରଣ ନୁହଁନ୍ତି ତା ସହିତ ମଧ୍ୟ ଶ୍ୱାସକ୍ରିୟା, ହୃତ୍‌ପିଣ୍ଡ, ଉଚ୍ଚରକ୍ତଚାପ, ଶ୍ୱାସରୋଗ ଓ ସ୍ନାୟୁ ସମ୍ବନ୍ଧୀୟ ସମସ୍ୟା ଏପରିକି ଆୟୁଷ ହାନୀ ପରି ଫଳାଫଳ ସୃଷ୍ଟି କରିଥାନ୍ତି।

ତୁମର ମନେଥାଇପାରେ ଯେ ମନୁଷ୍ୟର ବ୍ୟବହାର ବାୟୁ ପ୍ରଦୂଷଣ ସହିତ ଉଭୟ କାରଣ ଓ ଫଳାଫଳ ରୂପେ ସମ୍ବନ୍ଧୀତ।

ବାୟୂ ପ୍ରଦୂଷଣର ମୁଖ୍ୟ ଉତ୍ସ ହେଉଛନ୍ତି ମାତ୍ରାଧିକ ଶକ୍ତିର ଅପବ୍ୟବହାର, ଶିଳ୍ପକରଣ, ଯାନବାହାନ ଚଳାଚଳ, ଏବଂ ବର୍ଜ୍ୟବସ୍ତୁର ଦହନ, ଆବର୍ଜନା, ଧୂମପାନ ଓ ନିର୍ମାଣ କାର୍ଯ୍ୟ ନିମନ୍ତେ ବୃକ୍ଷଛେଦନ।

## ୨. ଜଳପ୍ରଦୂଷଣ

ଜଳରେ ଅତ୍ୟଧିକ ପରିମାଣରେ ଅବାଞ୍ଛିତ ପଦାର୍ଥ ମିଶ୍ରିତ ହୋଇ ମନୁଷ୍ୟ, ପ୍ରାଣୀ ଏବଂ ଜଳଚର ମାନଙ୍କର ଜୀବନପ୍ରତି ବିପଦ ସୃଷ୍ଟି ହେଉଥିଲେ ତାହାକୁ ଜଳପ୍ରଦୂଷଣ କୁହାଯିବ।

ଆମେ ସମସ୍ତେ ହେପାଟାଇଟିସ୍-କ ଓ ହେପାଟାଇଟିସ୍-ଖ ସଂପର୍କରେ ଅବଗତ ଅଛେ। ମାତ୍ର ଏଗୁଡ଼ିକ ଯେ ଜଳବାହିତ ରୋଗ ତାହା ତୁମେ ଜାଣ କି ? ଦେଖାଯାଉଛି ଯେ ଭାରତରେ ଅଧିକାଂଶ ଭୂପୃଷ୍ଠ ଉପରିସ୍ଥ ଜଳ ଓ ଭୂତଳ ଜଳ ମନୁଷ୍ୟନିମନ୍ତେ ପ୍ରତ୍ୟକ୍ଷ ପାନୀୟ ଉପଯୋଗୀ ନୁହେଁ। ହଇଜା, କୃମିରୋଗ ଏବଂ ହେପାଟାଇଟିସ୍ ସଦୃଶ ବିଭିନ୍ନ ରୋଗର କାରଣ ହେଉଛି ଦୂଷିତ ଜଳ। ଏହା ଜଣାପଡ଼ିଛି ଯେ ଭାରତରେ ସମସ୍ତ ପ୍ରକାର ରୋଗର ୧୦ ପ୍ରତିଶତ ଏବଂ ସଂକ୍ରାମକ ରୋଗର ୨୦ ପ୍ରତିଶତ କେବଳ ଜଳ ଯୋଗୁଁ ହୋଇଥାଏ।

ତୁମେ ହୁଏତ ଆଶ୍ଚର୍ଯ୍ୟ ହେଉଥିବ ଯେ ଜଳର ଗୁଣବତ୍ତା କିପରି ପ୍ରଭାବିତ ହୋଇପାରେ। ଏହା ମୁଖତଃ ତିନିଗୋଟି କାରଣରୁ ହୋଇଥାଏ: (୧) ଗୃହ ଓ ମନୁଷ୍ୟ ବ୍ୟବହୃତ ଅପରିଷ୍କାର ଜଳ, (୨) ଶିଳ୍ପ ସଂସ୍ଥାରୁ ନିର୍ଗତ ଦୂଷିତ ଜଳ, ଏବଂ (୩) କୃଷି କ୍ଷେତ୍ରର ଦୂଷିତ ଜଳ।

ଗୃହରେ ଓ ମନୁଷ୍ୟ ବ୍ୟବହୃତ ଅପରିଷ୍କୃତ ଜଳ ଅନେକ ସମୟରେ ବିଶୋଧିତ ନ ହୋଇ ଜଳସେଚନରେ ବ୍ୟବହାର କରାଯାଏ। କେତେକ ପନିପରିବାକୁ ଅପରିଷ୍କାର ଜଳରେ ଧୋଇ କଞ୍ଚା ଖିଆଯାଏ। ଏହି ଜଳ ଏବଂ ଶିଳ୍ପ ସଂସ୍ଥାରୁ ନିର୍ଗତ ଦୂଷିତ ଜଳ ନଦୀମାନଙ୍କରେ ମିଶନ୍ତି, ଫଳରେ ନଦୀଜଳ ମଧ୍ୟ ବିଷାକ୍ତ ହୋଇଥାଏ। କଳକାରଖାନାରୁ ଆସୁଥିବା ରାସାୟନିକ ପଦାର୍ଥ ମିଶ୍ରିତ ଜଳ ନଦୀଜଳକୁ ଏପରି ପଦୂଷିତ କରିଦିଏ ଯାହାର କି ଆଉ ବିଶୋଧନ କରିବା ଅସମ୍ଭବ ହୋଇପଡ଼େ। ପୁଣି ଏପରି ବିଷାକ୍ତ ଜଳ ଭୂପୃଷ୍ଠ ଉପରିସ୍ଥ ଜଳ ଓ ଭୂଗର୍ଭରେ ଥିବା ଜଳର ଗୁଣବତ୍ତାକୁ ପ୍ରଭାବିତ କରେ। ଆମର ନଦୀଗୁଡ଼ିକ କିପରି ସଂକୁଚିତ ହୋଇଯାଇଛି ତାହା ଦିଲ୍ଲୀର ଯମୁନା ଏବଂ କାନପୁରଠାରେ ଗଂଗା ନଦୀକୁ ଦେଖିଲେ ଜଣାପଡ଼େ।

ଜଳ ଜୀବନଧାରଣ ନିମନ୍ତେ ଏକ ମୌଳିକ ଆବଶ୍ୟକତା। ଯଦି ଜଳ ପ୍ରଦୂଷଣକୁ ନିୟନ୍ତ୍ରଣ କରା ନ ଯାଏ ତେବେ ସେଦିନ ବେଶି ଦୂର ନୁହେଁ ଯେତେବେଳେ କି ସ୍ନାନ ଏବଂ ଖାଦ୍ୟ ପ୍ରସ୍ତୁତି ନିମନ୍ତେ ଜଳ କ୍ରୟ କରିବାକୁ ପଡ଼ିବ।

## ୩. ଶବ୍ଦ ପ୍ରଦୂଷଣ

ତୁମେ କେବେ ଖୁବ୍ ଉଚ୍ଚଧ୍ୱନିର ସଂଗୀତ ଶୁଣିବାସମୟରେ କଥା କହିବାକୁ ସ୍ୱରକୁ ଉଚ୍ଚ କରିଛକି ? ଏକ ଦ୍ରୁତଗାମୀ ରେଳଗାଡ଼ିଯାଉଥିବା ରେଳଧାରଣା ନିକଟରେ ଠିଆହୋଇ ତୁମେ କେବେ ତୁମର ସ୍ୱାଭାବିକ ସ୍ୱରରେ କଥା ହୋଇଛ କି ? ତୁମ ଘର ବାହାରେ ଯେତେବେଳେ ଶ୍ରମିକମାନେ ରାସ୍ତା ଖୋଳୁଥାନ୍ତି ତୁମେ ତୁମର କୌଣସି କାର୍ଯ୍ୟକୁ କରିବାର ପ୍ରୟାସ କରିଛ କି ? ଏ ସମସ୍ତ ଘଟଣା ତୁମ କାର୍ଯ୍ୟକୁ ସ୍ୱାଭାବିକ ଭାବେ ସଂପୂର୍ଣ୍ଣ କରିବାକୁ ଦେବେକି ? ତୁମେ ନିଶ୍ଚୟ କହିବ ଯେ 'ନା'। କାରଣ ଉଚ୍ଚମାତ୍ରାର ଶବ୍ଦହିଁ ପ୍ରଦୂଷଣ ସୃଷ୍ଟିକରେ।

**ଶବ୍ଦ ପ୍ରଦୂଷଣର ସଂଜ୍ଞା କ'ଣ ?** ଶବ୍ଦର ତୀବ୍ରତା, ଉଚ୍ଚମାତ୍ରା, ସ୍ୱରାଘାତ ଯାହାକି ଶାରୀରିକ ଅସ୍ୱସ୍ତିସୃଷ୍ଟିକରେ କିମ୍ବା ପରିସ୍ଥିତି ନିମନ୍ତେ ଅବାଞ୍ଛିତ ହୋଇଥାଏ ତେବେ ଏହାକୁ ଶବ୍ଦ ପ୍ରଦୂଷଣ ବୋଲି କୁହାଯିବ। ଶବ୍ଦର ତୀବ୍ରତା ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହୋଇଥିଲେ ମଧ୍ୟ ଅସ୍ୱସ୍ତିର ମାତ୍ରା କେବଳ ଶବ୍ଦର ତୀବ୍ରତା ଉପରେ ନିର୍ଭର କରେ ନାହିଁ। ଶବ୍ଦ ପରିଚିତ ଏବଂ ଶବ୍ଦ ପ୍ରତି ମନୋବୃତ୍ତି ମଧ୍ୟ ବିରକ୍ତିର ମାତ୍ରାକୁ ପ୍ରଭାବିତ କରିଥାଏ। ବ୍ୟକ୍ତି ଯେତେବେଳେ ଶବ୍ଦ ସହିତ ଅଭ୍ୟସ୍ତ ହୋଇଯାଏ ସେ ସ୍ୱଳ୍ପ ମାତ୍ରାରେ ବିରକ୍ତି ଅନୁଭବ କରିଥାଏ।

> **ସ୍ୱାଭାବିକ ଠାରୁ ଉର୍ଦ୍ଧ୍ୱ ମାତ୍ରାର ଶବ୍ଦ ସ୍ୱାସ୍ଥ୍ୟ ଉପରେ ଅନେକ ପ୍ରତିକୂଳ ପ୍ରଭାବ ପକାଇଥାଏ। ସ୍ୱରପେଟିକା କ୍ଷତିଗ୍ରସ୍ତ ହେବା ଠାରୁ ଆରମ୍ଭ କରି ଚିରଦିନ ପାଇଁ ଶ୍ରବଣ ଶକ୍ତି ହରାଇବା, ହୃତ୍‌ପିଣ୍ଡ ଓ ହୃଦଦାହିକାରେ ପରିବର୍ତ୍ତନ, ଏକାଗ୍ରତା ଅଭାବ, କାରକ ଓ ମନୋକାରକ କ୍ରିୟା ରେ ବାଧା ସୃଷ୍ଟି ଆଦି ସଂଘଟିତ ହୋଇପାରେ। ମାତ୍ରାଧିକ ଶବ୍ଦର ଶରବ୍ୟ ହେଉଥିବା ଶ୍ରମିକମାନେ ଉଦ୍‌ବେଗ ଏବଂ ଭାବଗତ ବିପର୍ଯ୍ୟୟର ଅଭିଯୋଗ ଆଣିଥାନ୍ତି।**

ଶବ୍ଦପ୍ରଦୂଷଣର ବିଭିନ୍ନ କୁପ୍ରଭାବ ରହିଛି। ସେଗୁଡ଼ିକ ମଧ୍ୟରୁ କେତେକ ଆଲୋଚନା କରିବା:

**(କ) ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିପତ୍ତି :** ଲକ୍ଷ୍ୟ କରାଯାଇଛି ଯାନବାହାନ ଚଳାଚଳା ଜନିତ କୋଳାହଳ ସ୍ନାୟୁବିକ ଦୁର୍ବଳତା, ନିଦ୍ରାବିହୀନତା. ଅକାରଣ ଉତ୍ତେଜନା, ଅବସାଦ ଏବଂ ଶ୍ୱାସରୋଗ ପରି କେତେକ ଲକ୍ଷଣସହିତ ଜଡ଼ିତ। କେତେକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ ଶବ୍ଦ ପ୍ରଦୂଷଣ ହିଂସାତ୍ମକ ଆଚରଣ ସୃଷ୍ଟି କରେ ଏବଂ ପରୋପକାର ଓ ସହାୟତା କରିବା ଭଳି ଆଚରଣକୁ ହ୍ରାସକରେ। ପୁନଶ୍ଚ ମାତ୍ରାଧିକ ଶବ୍ଦ ପାରସ୍ପରିକ ସଂପର୍କକୁ ବିପର୍ଯ୍ୟସ୍ତ କରେ।

**(ଖ) ଯୋଗାଯୋଗ ସମସ୍ୟା:** ମାତ୍ରାଧିକ ଶବ୍ଦ ଯୋଗାଯୋଗକୁ କିପରି ବିପର୍ଯ୍ୟସ୍ତ କରେ, ତାହା ସହଜରେ ଦୃଷ୍ଟିଗୋଚର ହୁଏ। ଏହାର ଅନ୍ୟ ଏକ ପ୍ରଭାବ ହେଉଛି କାର୍ଯ୍ୟସମ୍ପାଦନ ଏବଂ କର୍ମ ସନ୍ତୋଷରେ ଅବନତି ଅନୁମାନ କରାଯାଏ କୋଳାହଳମୟ ଶ୍ରେଣୀକକ୍ଷ ଶିକ୍ଷାର୍ଥୀମାନଙ୍କର କାର୍ଯ୍ୟ ସମ୍ବନ୍ଧୀୟ ସୂକ୍ଷ୍ମ ଉପଲବ୍ଧି, ଅଭିନିବେଶ, ଅଭିପ୍ରେରଣା ଓ କାର୍ଯ୍ୟକୁଶଳତାକୁ ହ୍ରାସ କରେ।

**(ଗ) ଦୁର୍ଘଟଣା:** ଅନ୍ୟାନ୍ୟ କାରଣ ମାନଙ୍କ ମଧ୍ୟରେ ମାତ୍ରାଧିକ ଶବ୍ଦକୁ ଦୁର୍ଘଟଣାର ଏକ ପ୍ରମୁଖ କାରଣ ଭାବେ ଚିହ୍ନଟ କରାଯାଇଛି।

ଟିପ୍ପଣୀ

### ୪. ଜନଗହଳି

ଜନଗହଳି ଏକ ଚାପ ଯେଉଁଥିରେ ବ୍ୟକ୍ତିଗତସ୍ତରରେ ଅସ୍ୱସ୍ତି ଏବଂ ଶାରୀରିକ ଉତ୍ତେଜନା ସଂପୃକ୍ତ। ଅସ୍ୱସ୍ତି ଅନୁଭବ, ସାମାଜିକ ପାରସ୍ପରିକ କ୍ରିୟା ଉପରେ ନିୟନ୍ତ୍ରଣ ହରାଇବା, ବ୍ୟକ୍ତିଗତ ମାମାଲାରେ ବାହ୍ୟ ଦଖଲ, ଏବଂ ପରିବେଶକୁ ନକରାତ୍ମକ ଭାବେ ପ୍ରତ୍ୟକ୍ଷଣ କରିବାକୁ ଜନଗହଳିର ବୈଶିଷ୍ଟ୍ୟରୂପେ ବିବେଚନା କରାଯାଏ। ଏ ପ୍ରକାରର ଅନୁଭବ ଏକ ଚାପଯୁକ୍ତ ଅବସ୍ଥା ଯାହାର ପରିଣାମ ହେଉଛି ନକରାତ୍ମକ ଆଚରଣ।

ଆମେ ସମସ୍ତ ଜନଗହଳିର ଅନେକ ଅନୁଭୂତି ପାଇଛେ। ସହରରେ ବସ୍‌ଭିତରେ, ରେଳଟିକେଟ୍ ସଂରକ୍ଷଣ କାଉଣ୍ଟରରେ, ବଜାର ଭିତରେ, ଗାଁ ହାଟରେ ଆମେ ପ୍ରାୟତଃ ଜନଗହଳିର ସମ୍ମୁଖୀନ ହୋଇଥାଉ। ବେଳେବେଳେ ଜନଗହଳି, ବିଶେଷ କରି ଭିଡ଼ଥିବା ବସ୍ ଓ ଟିକଟ ସଂରକ୍ଷଣ କାଉଣ୍ଟର ଆଗରେ ଲାଗିଥିବା ଲମ୍ବାଧାଡ଼ି ଭଳି ପରିସ୍ଥିତିରେ ରାଗ ଏବଂ ଯନ୍ତ୍ରଣା ସୃଷ୍ଟି କରେ। ଅନ୍ୟପକ୍ଷରେ, ଏହା ବିବାହ ଉତ୍ସବ, ଗୃହ, ବିଦ୍ୟାଳୟ, ବନ୍ଧୁମିଳନ ଆଦି ପରିସ୍ଥିତିମାନଙ୍କରେ ଅଶେଷ ଆନନ୍ଦ ଓ ସୁଖକର ଅନୁଭୁତି ପ୍ରଦାନ କରିଥାଏ। ଆଧୁନିକ ଗବେଷଣାର ଫଳାଫଳ ଜନଗହଳି ସହିତ ଅପରାଧ ଓ ନକରାତ୍ମକ ପ୍ରକ୍ଷୋଭମାନଙ୍କର ସଂପର୍କ ସମ୍ବନ୍ଧରେ ସୂଚିତ କରେ।

ଜନଗହଳିର କେତେକ ପ୍ରଭାବମାନଙ୍କୁ ଆଲୋଚନା କରିବା ପୂର୍ବରୁ ଏହାର ଅର୍ଥକ'ଣ ବୁଝିବା ଆବଶ୍ୟକ। ମନୋବିଜ୍ଞାନୀମାନେ ଜନଗହଳି ଓ ଜନଘନତ୍ୱ ମଧ୍ୟରେ ପାର୍ଥକ୍ୟ ସୂଚାଇଛନ୍ତି। ଗୋଟିଏ ବର୍ଗ କିଲୋମିଟର ମଧ୍ୟରେ କେତେ ସଂଖ୍ୟକ ଲୋକ ବସବାସ କରନ୍ତି ତାହାକୁ ଜନଘନତ୍ୱ କୁହାଯାଏ। ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବାସ କରୁଥିବା ଲୋକମାନଙ୍କ ସଂଖ୍ୟାର ଏହା ହେଉଛି ଏକ ବସ୍ତୁନିଷ୍ଠ ପରିମାପକ। ଗୋଟିଏ ଉଦାହରଣ ସାହାଯ୍ୟରେ ଏହାକୁ ସ୍ପଷ୍ଟଭାବରେ ଦର୍ଶାଯାଇପାରେ। ଅଧିକ ଭିଡ଼ଥିବା ଗୋଟିଏ ବସ୍ ଏବଂ ବିବାହ ଭୋଜି ପରି ଦୁଇଗୋଟି ପରିସ୍ଥିତିର କଳ୍ପନା କର। ଉଭୟ ପରିସ୍ଥିତିରେ ଜନ ଘନତ୍ୱ ସମାନ ଥାଇପାରେ କିନ୍ତୁ ବ୍ୟବହାର ଓ ଅନୁଭୂତିରେ ଭିନ୍ନତା ରହିବ। ଏଣୁ ଜନଗହଳିରେ ଉପସ୍ଥିତଥିବା ବ୍ୟକ୍ତିମାନଙ୍କ ସହିତ ଆମର ସଂପର୍କ, କେତେ ସମୟପର୍ଯ୍ୟନ୍ତ ଏହି ଅନୁଭୂତି ପାଉଛେ, ଏହାର ଭୌତିକ ପରିପ୍ରେକ୍ଷୀ, ଏବଂ ଏହି ଜନଗହଳିର ଅର୍ଥ ଆମ ନିମନ୍ତେ କ'ଣ ଏସବୁ ଉପରେ ଆମର ବ୍ୟବହାର ଓ ଅନୁଭୂତି ନିର୍ଭର କରିଥାଏ। ଆମେ ବଂଧୁ ମାନଙ୍କ ଗହଣରେ ଥିବା ସମୟରେ ଅପରିଚିତ ବ୍ୟକ୍ତିମାନଙ୍କ ମେଳ ଅପେକ୍ଷା କମ୍ ଗହଳିର ଅନୁଭୂତି ପାଇଥାଉ।

ବର୍ତ୍ତମାନ ଜନଗହଳିର କେତେକ ପ୍ରଭାବମାନଙ୍କୁ ବିଶଦଭାବେ ଆଲୋଚନା କରିବା:

#### (କ) ଅପରାଧ:

ଅପରାଧ ଏବଂ ଜନଗହଳି ମଧ୍ୟରେ ସଂପର୍କ ଥିବାର ଦେଖାଯାଉଛି। ପକେଟମାର ଓ ଜିନିଷ ଛଡ଼ାଇନେବା ପରି ଜଣାଶୁଣା ଅପରାଧମାନ ଜନଗହଳିପୂର୍ଣ୍ଣ ପରିସ୍ଥିତିରେ ଘଟିବାର ସମ୍ଭାବନା ରହିଥାଏ। ସ୍ଥାନୀୟ ଟ୍ରେନ ଓ ବସ୍‌ରେ ଭିଡ଼ଥିବାବେଳେ, ବଜାରଘାଟରେ ଜୋରଦାର କାରବାର ସମୟରେ ଏପ୍ରକାରର ଅପରାଧ ବଢୁଥିବା ଆମେ ଜାଣୁ।

#### (ଖ) ଜେଲ୍‌ଖାନା ଏବଂ ମାନସିକ ଚିକିତ୍ସାଳୟରେ ଜନଗହଳି:

ଭାରତ ସମେତ ପୃଥିବୀର ଅନ୍ୟାନ୍ୟ ଅଞ୍ଚଳରେ ବନ୍ଦୀଶାଳାରେ ଜନଗହଳି ଏକ ପ୍ରମୁଖ ସମସ୍ୟା ହୋଇଛି। ନିକଟ ଅତୀତରେ ଅନ୍ତେବାସୀମାନଙ୍କ ମଧ୍ୟରେ ସଂଘର୍ଷର ଅନେକ ଘଟଣା ଏବଂ ଜେଲ୍ ଅଧିକାରୀମାନଙ୍କର ମାନସିକ ଚାପ ସମ୍ବନ୍ଧୀୟ ବିବରଣୀ ଭାରତର ବିଭିନ୍ନ ଅଞ୍ଚଳରୁ ମିଳିଛି। ଏସବୁ ଘଟଣାର ମାତ୍ରାଧିକ ଜନଗହଳି ସହିତ ସଂପର୍କ ଥିବାର ଜଣାପଡ଼େ। କାରଣ ଉଗ୍ର ଅପରାଧୀ ମାନେ କମ୍ ଉଗ୍ର ଅପରାଧୀମାନଙ୍କ ତୁଳନାରେ ଅଧିକ ସ୍ଥାନ ବ୍ୟକ୍ତିଗତ ବ୍ୟବହାର ନିମନ୍ତେ ଅକ୍ତିଆର କରନ୍ତି, ଫଳରେ ଅନ୍ତେବାସୀଙ୍କ ମଧ୍ୟରେ ସଂଘର୍ଷର ସୂତ୍ରପାତ ହୁଏ। ସେହିପରି, ବିଶେଷକରି ଚିତ୍ତଭ୍ରଂଶ ବାତୁଳତା ଏବଂ ସ୍ନାୟବିକ ବିକାର ଭଳି ମାନସିକ ବିକାରଗ୍ରସ୍ତ ବ୍ୟକ୍ତିମାନେ ଜନଗହଳିପୂର୍ଣ୍ଣ ସ୍ଥାନରେ ଅଧିକ ସମ୍ବେଦନଶୀଳତା ପ୍ରଦର୍ଶନ କରିଥାନ୍ତି। ଏଥିଯୋଗୁଁ ସେମାନେ ଅନ୍ୟ ରୋଗୀ ବା କର୍ମଚାରୀମାନଙ୍କୁ ଆକ୍ରମଣ ମଧ୍ୟ କରିପାରନ୍ତି।

### (ଗ) ପ୍ରକ୍ଷୋଭ ଏବଂ ଆଚରଣ ଉପରେ ପ୍ରଭାବ:

ଏହା ଦେଖାଯାଉଛି ଯେ ଜନଗହଳି ଅଧିକ ଶାରୀରିକ ଉତ୍ତେଜନା ଓ ଚାପ ସୃଷ୍ଟି କରେ। ଏଣୁ ଜନାକୀର୍ଣ୍ଣ ପରିସ୍ଥିତି ମାନଙ୍କରେ ଉଚ୍ଚରକ୍ତଚାପ ଓ ଦ୍ରୁତ ହୃତ୍‌ସ୍ପନ୍ଦନ ଏବଂ ଅଧିକ ମାତ୍ରାର ଶାରୀରିକ ଅସୁସ୍ଥତାର ବହୁଳ ଘଟଣା ଦେଖାଯିବାରେ କିଛି ଆଶ୍ଚର୍ଯ୍ୟ ହେବାର କାରଣ ନାହିଁ। କ୍ରୋଧ ଏବଂ ଆକ୍ରମଣ ସର୍ବାଧିକ ସମ୍ଭାବ୍ୟ ପ୍ରକ୍ଷୋଭଜନିତ ଆଚରଣ ଭାବେ ପ୍ରତୀୟମାନ ହୋଇଥାଏ। ସମୟେ ସମୟେ ଜନଗହଳି ଫଳରେ ଭାବଶୂନ୍ୟତା, ଅସହାୟବୋଧ ଏବଂ ସାମାଜିକ ଉଦାସୀନତା ସୃଷ୍ଟି ହୋଇଥାଏ।

ଏହା ମନେରଖିବା ଉଚିତ ଯେ ପରିବେଶର ଅନ୍ୟାନ୍ୟ ଉପାଦାନମାନଙ୍କ ମଧ୍ୟରେ ଜନଗହଳିର ପ୍ରଭାବ ମନୁଷ୍ୟର ଆଚରଣ ଏବଂ ଅନୁଭୂତି ଉପରେ ପଡ଼ିଥାଏ।

### ୫. ସବୁଜ ଗୃହ ପ୍ରଭାବ

ବର୍ତ୍ତମାନ କିଛି ଅବଧିଧରି ମନୁଷ୍ୟ ଜାତି ବହୁମାତ୍ରାରେ ପରିବେଶ ବିରୋଧୀ ବ୍ୟବହାରରେ ଜଡ଼ିତ ରହିଛି। ଆବର୍ଜନା ସୃଷ୍ଟି, ପେଟ୍ରୋଲ, ଡ଼ିଜେଲ ପରି ଜୈବିକ ଇନ୍ଧନର ଦହନ, ଜଙ୍ଗଲ କ୍ଷୟ, କୋଇଲାର ଦହନ, ବାଡବାଗ୍ନି, ଶୀତଳୀକରଣ ନିମନ୍ତେ କ୍ଲୋରୋଫ୍ଲୋରୋକାର୍ବନ୍ (CFC)ର ବ୍ୟବହାର ପରି ପରିବେଶରଅପବ୍ୟବହାର ଯୋଗୁଁ ସମଗ୍ର ବିଶ୍ୱର ଉତ୍ତାପ ବୃଦ୍ଧି ପାଇଛି। ପୃଥିବୀର ବାୟୁମଣ୍ଡଳ ଏବଂ ମହାସାଗରମାନଙ୍କର ଉତ୍ତାପରେ କ୍ରମଶଃ ବୃଦ୍ଧି ନିମନ୍ତେ ମନୁଷ୍ୟର ବିଭିନ୍ନ କାର୍ଯ୍ୟକଳାପ ଆଂଶିକଭାବରେ ଦାୟୀ। ପ୍ରକୃତି ଏବଂ ପରିବେଷ୍ଟନୀ ଉପରେ ଏହାର ସୁଦୂରପ୍ରସାରୀ ପ୍ରଭାବ ପଡ଼ିଛି। ଅଧିକ ଝଡ ବାତ୍ୟା ଓ ଜଳବାୟୁରେ ମାତ୍ରାଧିକ ପରିବର୍ତ୍ତନ ଏବଂ ଉତ୍ତର ଓ ଦକ୍ଷିଣ ମେରୁର ହିମାଞ୍ଚଳ ସବୁ ତରଳିବା ଫଳରେ ସମୁଦ୍ର ଜଳ ପତନରେ ବୃଦ୍ଧି ଏହି ସବୁ ପ୍ରଭାବର ଦୃଷ୍ଟାନ୍ତ। ପୃଥିବୀର ଅନେକ ଅଞ୍ଚଳରେ ଏପରି ପ୍ରଭାବ ପରିଲକ୍ଷିତ ହେଉଛି। ପ୍ରତି ପାଞ୍ଚବର୍ଷରେ ସମୁଦ୍ର ପତ୍ତନ ଏକ ଇଞ୍ଚ କରି ବୃଦ୍ଧି ପାଉଛି। ଲକ୍ଷ୍ୟ କରାଯାଉଛି ଯେ ମାଳଦ୍ୱୀପ ପୁଞ୍ଜର ତିନିଗୋଟି ଦ୍ୱୀପ ବର୍ତ୍ତମାନ ଜଳମଗ୍ନ ହୋଇଯାଇଛି। ସୁନାମୀ ଭଳି ଘଟଣା ମଧ୍ୟ ବୃଦ୍ଧି ପାଇଛି।

ଜଳବାୟୁରେ ପରିବର୍ତ୍ତନ ବା ବିଶ୍ୱ ତାପମାନରେ ବୃଦ୍ଧିର ସଂପର୍କ 'ସବୁଜ ଗୃହ ପ୍ରଭାବ' ସହିତ ରହିଛି। ଏଭଳି ପ୍ରଭାବକୁ 'ସବୁଜ ଗୃହ ପ୍ରଭାବ' କହିବାର କାରଣ ହେଲା ଥଣ୍ଡା ଅଞ୍ଚଳରେ ବୃକ୍ଷଲତାର ବୃଦ୍ଧି ନିମନ୍ତେ ଆବଶ୍ୟକ ପଡୁଥିବା ସୂର୍ଯ୍ୟାଲୋକ ପାଇଁ କାଚର ଏକ କୋଠରୀ ନିର୍ମାଣ କରାଯାଏ। ଏହାକୁ ସବୁଜ ଗୃହ ବା କୋଠରୀ କୁହାଯାଏ। ସବୁଜଗଗୃହର ଛାତଟି କାଚରେ ନିର୍ମିତ ଯାହାକି ସୂର୍ଯ୍ୟାଲୋକକୁ କୋଠରୀ ମଧ୍ୟକୁ ପ୍ରବେଶ କରିବା ନିମନ୍ତେ ଦେଉଥିବା ବେଳେ ଉତ୍ତପ୍ତ ବାୟୁର ନିର୍ଗମନକୁ ବାଧା ଦେଉଥାଏ। ଠିକ୍ ସେହିପରି ବାୟୁମଣ୍ଡଳକୁ ଧରାପୃଷ୍ଠରୁ ନିର୍ଗତ ହେଉଥିବା ତିନି ଗୋଟି ପ୍ରକାରର ବାଷ୍ପ (ଅଙ୍ଗାରକାମ୍ଳ, ମିଥେନ୍ ଓ CFC) ସୂର୍ଯ୍ୟର ଉତ୍ତାପକୁ ଧରିରଖନ୍ତି। ଯାହା ଫଳରେ ପୃଥିବୀକୁ ଏକ ବିରାଟ ସବୁଜ କୋଠରୀରେ ପରିଣତି ହୋଇଥାଏ। ଅର୍ଥାତ ଏମାନେ ଉତ୍ତାପ ନିର୍ଗମନ ହେବାକୁ ଦିଅନ୍ତି ନାହିଁ। ଏହା ଫଳରେ ବାୟୁମଣ୍ଡଳର ତାପମାନ ବୃଦ୍ଧିପାଏ। ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗରୁ ଏହି ତିନିଗୋଟି ବାଷ୍ପର ମାତ୍ରା ବୃଦ୍ଧିପାଇଲାଗିଛି। ଯଦି ଏହା ଅବ୍ୟାହତ ରହେ ତେବେ ଆକଳନ କରାଯାଇଛି ଯେ ୨୧୦୦ ମସିହା ବେଳକୁ ଭୂପୃଷ୍ଠସ୍ଥ ବାୟୁର ତାପମାନ ହାରାହାରି ୩.୫ ଡ଼ିଗ୍ରୀ ଫାରେନ୍‌ହିଟ୍ ବୃଦ୍ଧି ପାଇଯିବ। ଏପରିକି ହାରାହାରି ୧ ବା ୨ ଡ଼ିଗ୍ରୀର ତାପମାନ ବୃଦ୍ଧି ଆଞ୍ଚଳିକ ଜଳବାୟୁକୁ ପରିବର୍ତ୍ତନ କରିଦେଇପାରେ ଏବଂ ସାରା ପୃଥିବୀରେ କୃଷିକୁ ବିପର୍ଯ୍ୟସ୍ତ କରିପାରେ। ଏହା ମେରୁମଣ୍ଡଳୀୟ ବରଫପିଣ୍ଡକୁ ବ୍ୟାପକଭାବରେ ତରଳାଇ ଦେବା ଫଳରେ ମହାସାଗରର ଜଳପତ୍ତନକୁ ବୃଦ୍ଧି କରିବ ଏବଂ ବହୁଦେଶର ନିମ୍ନ ଅବବାହିକାସ୍ଥ ବିସ୍ତୃତ ଉପକୂଳବର୍ତ୍ତୀ ଅଞ୍ଚଳକୁ ବନ୍ୟାପ୍ଲାବିତ କରିବ। ଯେଉଁ ମନୁଷ୍ୟକୃତ ଆଚରଣ ଯୋଗୁଁ ଏହି ସମସ୍ୟା ସୃଷ୍ଟି ହୋଇଛି ଯଦି ସେଥିରେ ପରିବର୍ତ୍ତନ ଆସନ୍ତା ତେବେ ବିଶ୍ୱର ଉତ୍ତାପବୃଦ୍ଧି ହ୍ରାସ ପାଆନ୍ତା। ଉଦାହରଣ ସ୍ୱରୂପ, ଅଙ୍ଗାରକାମ୍ଳ ବାଷ୍ପ ନିର୍ଗମନରେ ହ୍ରାସ, ଅଧିକ ବୃକ୍ଷରୋପଣ ଏବଂ ଶୀତଳୀକରଣ ନିମନ୍ତେ ଉରଉର ବ୍ୟବହାରକୁ ନିଷେଧ କରାଯିବ। ଉରଉର ବ୍ୟବହାରକୁ ୫୦ଟି ଦେଶରେ ନିଷେଧ କରାଯାଇଥିବା କାରଣରୁ ଓଜନ୍ ସ୍ତରରେ କିଛି ସୁଧାର ଆସିଛି। ଅବଶ୍ୟ ଓଜନ୍‌ସ୍ତର ଏତେ ପରିମାଣରେ କ୍ଷତିଗ୍ରସ୍ତ ହୋଇଛି ଯେ ଏହାର ସ୍ୱାଭାବିକ ଘନତ୍ୱ ଫେରିଆସିବା ଲାଗି ୫୦ରୁ ୧୦୦ ବର୍ଷ ପର୍ଯ୍ୟନ୍ତ ଲାଗିପାରେ।

## ୨୩.୩ ନିରନ୍ତର ବିକାଶ

ବିଶ୍ୱ ପରିବେଶ ଓ ଉନ୍ନୟନ କମିଶନ୍ ଯାହାକି ବ୍ରଣ୍ଡଲାଣ୍ଡ କମିଶନ ଭାବରେ ଜଣାଶୁଣା ତାହା ନିରନ୍ତର ବିକାଶର ସଂଜ୍ଞା ନିରୂପଣ କରିବାକୁ ଯାଇ କହିଛନ୍ତି ଯେ ଭବିଷ୍ୟତ ବଂଶଧରମାନଙ୍କର ବିକାଶ ସମ୍ଭାବନାକୁ କ୍ଷୀଣ ନ କରି ବର୍ତ୍ତମାନ ଜନସମ୍ପ୍ରଦାୟର ଚାହିଦାସବୁର ବିକାଶ କରିବାର ପ୍ରକ୍ରିୟା ହେଉଛି ନିରନ୍ତର ବିକାଶ । ପରିବେଶଗତ ସମ୍ପଦ ଏବଂ ନିଃଶେଷ ଗାମୀ ସମ୍ପଦ ସମେତ ବିଭିନ୍ନ ସମ୍ପଦର ପରିମାଣକୁ ସଂରକ୍ଷିତ ରଖିବାର ଅର୍ଥ ହେଉଛି ନିରନ୍ତର ବିକାଶ । ଅପଚୟପୂର୍ଣ୍ଣ ବ୍ୟବହାର ଶୈଳୀ ନରିନ୍ତର ବିକାଶ ନିମନ୍ତେ ମୁଖ୍ୟ ଚିନ୍ତାର କାରଣ ବୋଲି ବିଋର କରାଯାଏ । ଅଧୁନା ଉତ୍ପାଦନର କାରିଗରୀ କୌଶଳ, କୋଇଲା, ବାଷ୍ପ, ଜୈବିକଇନ୍ଧନ ବା ପେଟ୍ରୋଲ ପରି ପୁନଃ ଉତ୍ପତ୍ତି ହୋଇପାରୁନଥିବା ପ୍ରାକୃତିକ ସମ୍ପଦର ବହୁଳ ବ୍ୟବହାର କରୁଅଛି । ଶକ୍ତିର ଏହି ଉତ୍ସଗୁଡ଼ିକ ଶହେ ବା ତତୋଽଧିକ ବର୍ଷଧରି ପ୍ରାକୃତିକ ସଞ୍ଚୟର ଫଳାଫଳ । ଏପରିକି ଜଙ୍ଗଲ, ପ୍ରାଣୀ, ଜଳ ଇତ୍ୟାଦି ପରି ପୁନଃ ଉତ୍ପତି ଯୋଗ୍ୟ ପ୍ରାକୃତିକ ସମ୍ପଦର ମନୁଷ୍ୟ ଏପରି ବ୍ୟବହାର କରିଚାଲିଛି ଯେ ଖୁବ୍ ଶୀଘ୍ର ଏହାର ଅଭାବ ଅନୁଭୂତ ହେବ । ପ୍ରକୃତିର ସମତା ରକ୍ଷାକରିବାର ଦକ୍ଷତା ଅଛି ସତ, କିନ୍ତୁ ପ୍ରଦୂଷଣର ମାତ୍ରା ଯଦି ଅତ୍ୟଧିକ ହୁଏ ତେବେ ଏପରି ସମନ୍ୱୟ ଅସମ୍ଭବ ହୋଇପାରେ । ଫଳରେ ବିଶୁଦ୍ଧ ଜଳ ଏବଂ ବାୟୁର ଅଭାବ ସୃଷ୍ଟି ହେବ । ପୁନଃଉତ୍ପତ୍ତି ହୋଇପାରୁନଥିବା ପ୍ରାକୃତିକ ସମ୍ପଦ ଯଦି ଦ୍ରୁତଭାବରେ ହ୍ରାସ ପାଏ ତେବେ ଆମର ଭବିଷ୍ୟତ ବଂଶଧରମାନଙ୍କର ବ୍ୟବହାର ନିମନ୍ତେ ଏସବୁ ଉପଲବ୍ଧ ହେବନାହିଁ । ଏଣୁ, ଏଗୁଡ଼ିକର ବ୍ୟବହାରରେ ସଂଯମତା ଆଣିବା ଜରୁରୀ । ପରିବେଶ କେବଳ ଭୌଗଳିକ ସୀମାରେଖା ମଧ୍ୟରେ ସୀମିତ ନୁହେଁ । ଅର୍ଥାତ୍, ଲୋକମାନେ ପୃଥିବୀର ଯେ କୌଣସି ଅଞ୍ଚଳରେ ଥାଇ ଯଦି ପ୍ରତିକୂଳ ଆଚରଣରେ ସଂପୃକ୍ତ ହୁଅନ୍ତି ତେବେ ଫଳସ୍ୱରୂପ ଏହା ସମଗ୍ର ମାନବଜାତିର କ୍ଷତିସାଧନ କରିପାରେ । ସୁତରାଂ ନିରନ୍ତର ବିକାଶ ହେଉଛି ବିକାଶର ଏପରି ଏକ ମାର୍ଗ ଯେଉଁଥିରେ ବର୍ତ୍ତମାନର ବଂଶଧରଙ୍କ କାର୍ଯ୍ୟକଳାପ ଦ୍ୱାରା ଯେପରି ଭବିଷ୍ୟତ ବଂଶଧରମାନଙ୍କର ବିକାଶ ସମ୍ଭାବନାକୁ ସଂକୁଚିତ ହେବନାହିଁ ।

**ଉନ୍ନତ ପରିବେଶ ନିମନ୍ତେ ତୁମେ କ'ଣ କରିପାର ?**

୧. ଜଳର ଅନାବଶ୍ୟକ ବ୍ୟବହାର ନ କରି ତା'ର ସଂରକ୍ଷଣ କରନ୍ତୁ ।

୨. ସର୍ବସାଧରଣଙ୍କ ପାଇଁ ଉଦ୍ଦିଷ୍ଟ ଯାନବାହାନରେ ଯାତ୍ରା କରନ୍ତୁ ।

୩. ଜିନିଷପତ୍ର ନେବାପାଇଁ କନା କିମ୍ବା କାଗଜ ଥଳି ବ୍ୟବହାର କରନ୍ତୁ ।

୪. ବିଦ୍ୟୁତ୍‌ଶକ୍ତିର ବ୍ୟବହାର ହ୍ରାସ କରନ୍ତୁ ।

୫. ପନିପରିବାର ବର୍ଜ୍ୟରୁ ଉତ୍ପନ୍ନ ସାର ବଗିଋରେ ବ୍ୟବହାର କରନ୍ତୁ ।

୬. ବ୍ୟବହାର୍ଯ୍ୟ ବସ୍ତୁ ଓ କିଣା ସାମଗ୍ରୀର ପରିମାଣ କମାଇଦେବା ଲାଗି ଚେଷ୍ଟା କରନ୍ତୁ ।

୭. ପୁନଃବ୍ୟବହାର୍ଯ୍ୟ କାଗଜ ବ୍ୟବହାର କରନ୍ତୁ ।

୮. ଅଧିକରୁ ଅଧିକ ବୃକ୍ଷ ରୋପଣ କରନ୍ତୁ ।

୯. ସ୍ୱଚ୍ଛ ଶକ୍ତି ଚାଳିତ ଉପକରଣ ବ୍ୟବହାର କରନ୍ତୁ ।

୧୦. ଆବଶ୍ୟକନଥିବା ସମୟରେ ଆଲୋକ ଲିଭାଇ ବିଦ୍ୟୁତ ଶକ୍ତିର ସଂଞ୍ଚୟ କରନ୍ତୁ ।

୧୧. ଘରେ ଫସଫେଟ୍ ରହିତ ଡ଼ିଟେରଜେଣ୍ଟ ପରି ପଦାର୍ଥ ବ୍ୟବହାର କରନ୍ତୁ ନାହିଁ ଯାହା ଭୂପୃଷ୍ଠ ଉପରିସ୍ଥ ଓ ଭୂତଳ ଜଳକୁ ଦୂଷିତ କରିଥାଏ ଏବଂ ଅବ୍ୟବହୃତ ରାସାୟନିକ ପଦାର୍ଥ ଡ୍ରେନମାନଙ୍କରେ ପକାନ୍ତୁ ନାହିଁ ।

ଏହା ବୁଝିବାକୁ ହେବ ଯେ ଆମେ ପ୍ରତ୍ୟେକେ ପରିବେଶର ବିପର୍ଯ୍ୟୟ ନିମନ୍ତେ ଦାୟୀ, ଏଣୁ ପ୍ରଦୂଷଣର ନିୟନ୍ତ୍ରଣ ସହିତ ଏହାର ସଂରକ୍ଷଣ ନିମନ୍ତେ ଉଦ୍ୟମ କରିବା ଆମର କର୍ତ୍ତବ୍ୟ ।

## ପରିବେଶଗତ ରୂପ

ଦିନେ ମହାନ୍ ଗ୍ରୀକ୍ ଦାର୍ଶନିକ ପ୍ଲାଟୋ ଏଥେନ୍ସ ନଗରୀର ଏକ ରାସ୍ତାରେ ଚାଲିଚାଲି ଯାଉଥିଲେ। ତାଙ୍କର ଜଣେ ଶିଷ୍ୟଙ୍କର ସେହି ରାସ୍ତା ପାର୍ଶ୍ୱରେ ଗୋଟିଏ ଦୋକାନ ଥିଲା। ଶିକ୍ଷକଙ୍କୁ ଯାଉଥିବାର ଦେଖି ସେ ତାଙ୍କ ପଛରେ ଦଉଡ଼ି ଯାଇ ତାଙ୍କୁ ନମସ୍କାର କରି ତାଙ୍କ ଦୋକାନକୁ ଆସିବା ନିମନ୍ତେ ଅନୁରୋଧ ଜଣାଇଲେ। ପ୍ଲାଟୋ ଶିଷ୍ୟର ଅନୁରୋଧ ରକ୍ଷା କରି ଦୋକନକୁ ଆସିଲେ। ଶିଷ୍ୟ ଏଥିରେ ବିଶେଷ ଆନନ୍ଦିତ ହେଲେ। ସେ ଶିକ୍ଷକଙ୍କୁ କହିଲେ 'ମହାଶୟ, ଆପଣ ନିଜ ପସନ୍ଦର ଜିନିଷଟିଏ ନେଲେ ମୁଁ ଖୁବ୍ ଖୁସି ହେବି।' ପ୍ଲାଟୋ ଚାରିଆଡ଼କୁ ଚାହିଁଲେ ଓ ଆକର୍ଷଣୀୟ ଜିନିଷମାନଙ୍କୁ ଦେଖିଲେ ଏବଂ କହିଲେ 'କାହିଁ ମୁଁ କୌଣସି ଦରକାରୀ ଜିନିଷ ଏଠାରେ ଦେଖୁ ନାହିଁ ତ ?'

ପ୍ଲାଟୋଙ୍କର ଉତ୍ତରଟି ଅଭାବ ଓ ଚାହିଦା ମଧ୍ୟରେ ଥିବା ପାର୍ଥକ୍ୟକୁ ଜାଣିବାରେ ଆମକୁ ସାହାଯ୍ୟ କରିବ।

- ଅଭାବ ଏକ କାଳ୍ପନିକ ବସ୍ତୁ ଯାହା ଆମେ କାମନା କରିଥାଏ। କାମନା ଓ ଅଭାବର କୌଣସି ଶେଷ ନାହିଁ।
- ଚାହିଦା ବା ଆବଶ୍ୟକତା ହେଉଛି ଏପରି କିଛି ଯାହା ବିନା ଆମେ ଜୀବନଧାରଣ କରିପାରିବାନାହିଁ, ଯେପରି ଶାରିରୀକ ସୁରକ୍ଷାନିମନ୍ତେ ଆମେ ବାୟୁ, ଖାଦ୍ୟ, ଜଳ, ବସ୍ତ୍ର, ଗୃହ ଓ ଔଷଧପତ୍ର ଆବଶ୍ୟକ କରିଥାଏ। ଏତଦ୍ ବ୍ୟତୀତ ଆମ୍ଭମାନଙ୍କର ବୃତ୍ତିଗତ ଆବଶ୍ୟକତା ମଧ୍ୟ ରହିଛି। ଉଦାହରଣ ସ୍ୱରୂପ, ଜଣେ ଲେଖକଙ୍କର କଲମଟିଏ ଦରକାର। ଜଣେ ବଢ଼େଇର କାଠକାମ ନିମନ୍ତେ ଉପକରଣ ଆବଶ୍ୟକ। ସୌଭାଗ୍ୟବଶତଃ ଆମର ଚାହିଦାଗୁଡ଼ିକ ସୀମିତ କିନ୍ତୁ ଅଭାବ ଅସୀମ ଅଟେ।
- କୌଣସି ଜିନିଷଟିଏ କିଣିବା ସମୟରେ ଆମେ ନିଜେ ନିଜକୁ ପ୍ରଶ୍ନ କରିବା ଉଚିତ୍ 'ଏହା ମୁଁ ନେବାକୁ ଚାହୁଁଛି ନା ମୋର ଆବଶ୍ୟକ ଅଛି ?'
- ଆମେ ପ୍ରକୃତରେ ଦରକାର ନ ଥିବା ଜିନିଷଟି କ୍ରୟ କରିବା ଫଳରେ କେବଳ ଅର୍ଥ ଶ୍ରାଦ୍ଧ କରିନଥାଏ ବରଂ ପ୍ରାକୃତିକ ସମ୍ପଦର ଅପଚୟ କରିଥାଉ। ଏପରି ଜିନିଷ ପରିଶେଷରେ ଆବର୍ଜନା ସୃଷ୍ଟି କରିଥାଏ।
- ସ୍ୱଳ୍ପ ଆବଶ୍ୟକତାକୁ ପୂରଣ କରି ବଞ୍ଚିରହିବାକୁ ସରଳ ଜୀବନଯାପନ ବୋଲି କୁହାଯାଏ। ଏଥିରେ ଆନନ୍ଦ, ସନ୍ତୋଷ, ସୌନ୍ଦର୍ଯ୍ୟ ଓ ଜ୍ଞାନ ସଦୃଶ ଅନ୍ତର୍ନିହିତ ସଂପଦ ଅଧିକ ମହତ୍ୱପୂର୍ଣ୍ଣ।

## ପାଠ୍ୟଭୁକ୍ତ ପ୍ରଶ୍ନାବଳୀ ୨୩.୨

୧. ପ୍ରଦୂଷଣର ସଂଜ୍ଞା ନିରୂପଣ କର।

୨. ଜନଗହଳି, ଆବେଗ ଓ ବ୍ୟବହାର ମଧ୍ୟରେ ସଂପର୍କ ରହିଛି କି ? ଜନଗହଳି ଦ୍ୱାରା ସୃଷ୍ଟି ହେଉଥିବା ଯେ କୌଣସି ଗୋଟିଏ ଆବେଗିକ ଅନୁକ୍ରିୟାର ବର୍ଣ୍ଣନା କର।

## ତୁମେ କ'ଣ ଶିକ୍ଷା କଲ

- ମନୂଷ୍ୟଜୀବନ ଉପରେ ପରିବେଶର ଉଭୟ ରକ୍ଷାକାରୀ ଓ ଧ୍ୱଂସକାରୀ ପ୍ରଭାବ ରହିଛି।

- ବିଭିନ୍ନ ପ୍ରକାରର ପରିବେଶଗତ ଚାପମାନଙ୍କୁ ବାୟୁ ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ, ଜନଗହଳି, ବିଶ୍ୱର ଉତ୍ତପ୍ତକରଣ ଏବଂ ସବୁଜ ଗୃହ ପ୍ରଭାବ ରୂପେ ବିଭାଗୀକରଣ କରାଯାଇପାରେ।
- ବାୟୁ, ସ୍ଥଳଭାଗ ଓ ଜଳର ଭୌତିକ, ରାସାୟନିକ ବା ଜୈବିକ ଗୁଣବତ୍ତାରେ ଅବାଞ୍ଛିତ ପରିବର୍ତ୍ତନ ଯଦି ଜୀବନପ୍ରତି କ୍ଷତିକାରର ପ୍ରଭାବ ସୃଷ୍ଟିକରେ ତା'କୁ ପ୍ରଦୂଷଣ କୁହାଯାଏ।
- ପ୍ରଦୂଷଣ ବିଭିନ୍ନ ପ୍ରଦୂଷକମାନଙ୍କ ଯୋଗୁଁ ସଂଘଟିତ ହୋଇଥାଏ। ବାୟୁ ବା ଜଳ ସଦୃଶ ମାଧ୍ୟମ ମାନଙ୍କରେ କୌଣସି ବାହ୍ୟ ଦ୍ରବ୍ୟ ପ୍ରବେଶ କରିବା ଯୋଗୁଁ ମାନବ ଓ ପ୍ରାଣୀ ଜଗତ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ବିଭିନ୍ନ ପ୍ରକାରର ପ୍ରଦୂଷଣଗୁଡ଼ିକ ହେଉଛନ୍ତି ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ଜନଗହଳି ଏବଂ ସବୁଜଗୃହ ପ୍ରଭାବ।
- ଜଳରେ ଅତ୍ୟଧିକ ପରିମାଣର ଅବାଞ୍ଛିତ ପଦାର୍ଥ ମିଶ୍ରିତ ହୋଇ ମନୁଷ୍ୟ, ପ୍ରାଣୀ ଏବଂ ଜଳଚରମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଥିଲେ ତାହାକୁ ଜଳପ୍ରଦୂଷଣ କୁହାଯିବ।
- ଶବ୍ଦର ତୀବ୍ରତା, ଉଚ୍ଚମାତ୍ରା, ସ୍ୱର ବା ସ୍ୱରାଘାତ ଯାହାକି ଶାରୀରିକ ଅସ୍ୱସ୍ତି ସୃଷ୍ଟି କରେ କିମ୍ୱା ଏକ ପରିସ୍ଥିତି ନିମନ୍ତେ ଅବାଞ୍ଛିତ ହୋଇଥାଏ ତେବେ ଏହାକୁ ଶବ୍ଦ ପ୍ରଦୂଷଣ ବୋଲି କୁହାଯାଏ।
- ପରିବେଶଗତ ସମ୍ପଦ ଏବଂ ନିଃଶେଷଗାମୀ ସମ୍ପଦ ସମେତ ସମସ୍ତ ପ୍ରକାରର ସମ୍ବଳର ସଂରକ୍ଷଣ ହେଉଛି ନିରନ୍ତର ବିକାଶର ଅର୍ଥ। ଅବିଚାରିତ ଉପଭୋଗ ଶୈଳୀ ହେଉଛି ନିରନ୍ତର ବିକାଶ ନିମନ୍ତେ ମୁଖ୍ୟ ଚିନ୍ତାର କାରଣ।

## ଅନ୍ତିମ ପ୍ରଶ୍ନାବଳୀ

୧. ମାନବ-ପରିବେଶ ସଂପର୍କ ସମ୍ବନ୍ଧୀୟ ଯେ କୌଣସି ଗୋଟିଏ ଦୃଷ୍ଟିଭଂଗୀର ବ୍ୟାଖ୍ୟାକର।

୨. ପରିବେଶଗତ ଚାପ କ'ଣ ? ତାହା ବୁଝାଇ ଦିଅ।

୩. ବାୟୁପ୍ରଦୂଷଣ ଏବଂ ସ୍ୱାସ୍ଥ୍ୟଉପରେ ଏହାର ପ୍ରଭାବକୁ ବର୍ଣ୍ଣନା କର।

## ପାଠ୍ୟଭୁକ୍ତ ପ୍ରଶ୍ନାବଳୀର ଉତ୍ତର

**୨୩.୧**

୧. ପରିବେଷ୍ଟନୀ ମଧ୍ୟରେ ଆମେ ବାସ କରୁଥିବା ଓ ଅନ୍ୟମାନଙ୍କ ସହିତ ପାରସ୍ପରିକ କ୍ରିୟା କରୁଥିବା ଭୌତିକ ଜଗତ ଓ ସାମାଜିକ-ସାଂସ୍କୃତିକ ବାତାବରଣ ଅନ୍ତର୍ଭୁକ୍ତ।

୨. ସହବସ୍ଥାନପୂର୍ଣ୍ଣ ସଂପର୍କ ସର୍ବଦା ମନୁଷ୍ୟ ଏବଂ ପରିବେଶ ପ୍ରତ୍ୟେକେ ପରସ୍ପର ଉପରେ ନିର୍ଭରଶୀଳ ବୋଲି ବିବେଚନା କରିଥାଏ।

**୨୩.୨**

୧. ବାୟୁ, ଭୂମି ଓ ଜଳର ଭୌତିକ, ରାସାୟନିକ ବା ଜୈବିକ ଗୁଣବତ୍ତାର ଯଦି ଅବାଞ୍ଛିତ ପରିବର୍ତ୍ତନ ଆସି ଜୀବନ ଉପରେ କ୍ଷତିକାରକ ପ୍ରଭାବ ସୃଷ୍ଟିକରେ ତେବେ ଏହାକୁ ପ୍ରଦୂଷଣ କୁହାଯାଏ।

୨. ହଁ, ରାଗ। ଆକ୍ରମଣାତ୍ମକ ଭାବନା/ ସାମାଜିକ ସଂସର୍ଗରୁ ଦୂରେଇଯିବା (ତିନୋଟି ମଧ୍ୟରୁ ଯେ କୌଣସି ଗୋଟିଏ)।

## ଅନ୍ତିମ ପ୍ରଶ୍ନାବଳୀ ନିମନ୍ତେ ସୂଚନା

୧. ଭାଗ ୨୩.୧ ସହାୟତା ନିଅ।

୨. ଭାଗ ୨୩.୧ର ସହାୟତା ନିଅ।

୩. ଭାଗ ୨୩.୨ର ସହାୟତା ନିଅ।